ଷଷ୍ଠ ବର୍ଷ,
ତୃତୀୟ ସଂଖ୍ୟା
ଅଗଷ୍ଟ, ୨୦୧୧

ଓଡ଼ିଶାର ପ୍ରଥମ ସଂପୂର୍ଣ୍ଣ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ସଂପୂର୍ଣ୍ଣ ଓଡ଼ିଆ । ସଂପୂର୍ଣ୍ଣ ଉତ୍କଳୀୟତା



ଷଷ୍ଠ ବର୍ଷ, ତୃତୀୟ ସଂଖ୍ୟା
ଅଗଷ୍ଟ ୨୦୧୧
ସ୍ୱାଧିନତା ଦିବସ ବିଶେଷାଂକ

ଓଡ଼ିଶାର ପ୍ରଥମ ସଂପୂର୍ଣ୍ଣ ଓଡ଼ିଆ ଇ-ପତ୍ରିକା

# ଆହ୍ୱାନ

ଆସ ଓଡ଼ିଆ ଭାଷାରେ ପଢ଼ିବା, ଲେଖିବା

ପ୍ରତିଷ୍ଠାତା ଓ ସଂପାଦକ
**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**
(ଏମ୍ ବି ବି ଏସ୍, ପି ଜି ଡି ଏମ୍ ସି ଏଚ୍, ପି ଜି ଡି ଏଚ୍ ଏମ୍)

ଯୋଗାଯୋଗ – ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା ମୋ–୯୮୬୧୯୬୨୧୬୦

ଦେଶରୁ ଦୁର୍ନୀତିର ମୂଳୋତ୍ପାଟନ
କରିବା ପାଇଁ ରଣହୁଙ୍କାର ଦେଇଥିବା
ମହାନ ଜନନାୟକ ଶ୍ରୀଯୁକ୍ତ ଆନ୍ନା ହଜାରେଙ୍କ
ଉଦ୍ଦେଶ୍ୟରେ ସମର୍ପିତ




# ପ୍ରଚ୍ଛଦ

ଚଳିତ ମାସର ପତ୍ରିକାର ପ୍ରଚ୍ଛଦ ନିର୍ମାଣ ବେଳେ ବିଶେଷ ଧନ୍ୟବାଦ ଦେଉଛୁ ଶ୍ରୀ ମୀନକେତନ ପଟ୍ଟନାୟକଙ୍କୁ ଯାହାଙ୍କ ପ୍ରଦତ୍ତ ଛବିକୁ ଆମେ ପ୍ରଚ୍ଛଦରେ ସ୍ଥାନ ଦେଇଛୁ ।

# ଆହ୍ୱାନ ପ୍ରକାଶନ ବିଷୟରେ ସମ୍ୟକ୍ ବିବରଣୀ

- ଆହ୍ୱାନ ହେଉଛି ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ମାସିକ ସାହିତ୍ୟ ପତ୍ରିକା ।

- ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ ।

- ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ । ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇ ଏହା ପ୍ରକାଶିତ ହୁଏ ।

- ଯେହେତୁ ଏହି ଇ-ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖା ପ୍ରକାଶିତ କରାଯାଉଥିବା ଲେଖକ ଲେଖିକା ମାନଙ୍କୁ କୌଣସି ପାରିଶ୍ରମିକ ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଏବଂ ଦାବୀ କରୁଥିବା ସାହିତ୍ୟକାର ବନ୍ଧୁମାନେ ନିଜର ଲେଖା ଅନ୍ୟତ୍ର ପରିପ୍ରକାଶିତ କରି ପାରନ୍ତି ।

- ଏହି ଇ-ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍ ମାଧ୍ୟମରେ ବିଶ୍ୱର ପ୍ରତ୍ୟେକ ଦେଶରେ ପଢ଼ାଯାଇ ପାରିବ ।

- ପାଠକ ଚାହିଁଲେ ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରକୁ ଡ଼ାଉନଲୋଡ୍ କରିପାରିବେ ।

- ଏହି ପତ୍ରିକାର ଉନ୍ନତି ହେତୁ ଆପଣ ମାନଙ୍କ ସାହାଯ୍ୟ ଏକାନ୍ତ କାମ୍ୟ ।

- ଲେଖକ ଲେଖିକାମାନେ ନିଜ କୃତିକୁ ଆମ ଡ଼ାକ ଠିକଣାରେ ପଠାଇପାରିବେ । ନଚେତ୍ ହାତଲେଖା କୃତିର ନକଲ (ସ୍କାନିଂ) ବାହାର କରି ଇ-ମେଲ ଦ୍ୱାରା ଆମ ନିକଟକୁ ପଠାଇପାରିବେ । ଆମ ଇ-ମେଲ ଠିକଣା ନିମ୍ନରେ ଦିଆଯାଇଛି ।

- ଆହ୍ୱାନ ପତ୍ରିକା ସଂପୂର୍ଣ୍ଣ ଅନ୍‌ଲାଇନ୍ ପ୍ରକାଶିତ ହୁଏ । ଏହା ପୁସ୍ତକ ଆକାରରେ କିମ୍ବା ସିଡ଼ି ଆକାରରେ ପ୍ରକାଶିତ କରିବା ବ୍ୟୟସାପେକ୍ଷ ହେଉଥିବାରୁ କରାଯାଏ ନାହିଁ । ଅବଶ୍ୟ ଏହାର ଅନ୍‌ଲାଇନ୍ ସଂସ୍କରଣ ଦ୍ୱାରା ଆମେ କାଗଜ ନଷ୍ଟ କରୁନାହୁଁ । ଆମେ ବିଶ୍ୱାସ କରୁ ଯେ ଆମେ ହିଁ ରକ୍ଷା କରିପାରିବା ପର୍ଯ୍ୟାବରଣର ସନ୍ତୁଳନ ।

**aahwaan@gmail.com**

ଯୋଗାଯୋଗ -
ଡ଼ା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ବୀମା ନଗର, ଆମ୍ବପୁଆ ମୁଖ୍ୟ ରାସ୍ତା
ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଲେଖା ପଠାଇବାକୁ ଚାହୁଁଥିବା ବନ୍ଧୁମାନେ ପାର୍ଶ୍ୱରେ ଦିଆଯାଇଥିବା ଠିକଣାରେ ନିଜ ଲେଖା ପଠାଇପାରିବେ । ଇଣ୍ଟର୍‌ନେଟ୍ ବ୍ୟବହାର ଜାଣିଥିବା ବନ୍ଧୁମାନେ ନିଜ ଲେଖାକୁ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାଇ ପାରିବେ । କୌଣସି ସୂଚନାପାଇଁ ଫୋନ କରନ୍ତୁ । ମୋ - ୯୮୬୧୯୬୨୧୬୦

# ସୂଚୀପତ୍ର

ସଂପାଦକୀୟ
ଆମେ ଆଉ ବଡ଼ ହେଲେ କେମିତି – ୮

ନୂତନ ଓଡ଼ିଆ ଭକ୍ତିସଂଗୀତ ସଂଗ୍ରହ
ସବୁ ତ ତୁମରି କୃପା ହେ – ୧୨

ମନୋଜ ଦାସ
ଆମ ଗାଁ ବରଗଛ – ୧୪
ଆମ ଗାଁ ସମୁଦ୍ର – ୧୫

ଉଦୟନ ସୂପକାର
ରାବଣ ଦହନ – ୧୬
ଡ଼କାୟତ – ୧୭

ଡଃ କୁଳାଙ୍ଗାର
ବୋଲ ବମ୍ ହରହର ବମ୍ – ୧୮

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ଦୁଇଟି ବ୍ୟଙ୍ଗ କବିତା – ୨୦

ବ୍ୟଙ୍ଗକବି ଶ୍ରୀଯୁକ୍ତ ସତ୍ୟାନାଶ
ଫ୍ଲପ ମିଟିଙ୍ଗ – ୨୧

ଡଃ ମେଜର ଗୌରୀ ପ୍ରସାଦ ମହାପାତ୍ର
ଜୀବନ ଇତିହାସ ଏକ ସାଧାରଣ ମଣିଷର – ୨୩

ସରୋଜ ସାହୁ
ନୀଳ କଣ୍ଠ – ୨୪

ଚନ୍ଦ୍ର ଶେଖର ବିଶ୍ୱାଳ
ଛୋଟ ମୋର ଗାଁଟି – ୨୫

ଶ୍ରାବଣୀ ପଟ୍ଟନାୟକ
ସାଥୀ ତୁମେ – ୨୭

ସରିତା ରଥ
ଅନୁରୋଧ – ୨୯

ବିଭୂତି ରଥ
ଚାରୋଟି ଛୋଟ କବିତା – ୩୧

ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର
ମୁଁ ଅସଂପୂର୍ଣ୍ଣ – ୩୨

ନିହାର ରଞ୍ଜନ ବିଶ୍ୱାଳ
ସ୍ୱପ୍ନର ନାୟିକା – ୩୩

ଦେବେନ୍ଦ୍ର ପାଣିଗ୍ରାହୀ
ମଶାଣୀ ଭୂଇଁ - ୩୫

ମିହିର ରଞ୍ଜନ ପଲାଇ
ଗପ ହେଲେ ବି ସତ - ୩୬

ନିରୁପମା ମହାନ୍ତି
କ୍ଷୁଧା - ୪୫

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ଆମ ଗାଁ ହାଲଚାଲ - ୪୭

ଆସ ବୁଲିଯିବା ଆମ ଓଡ଼ିଶା
ତାରାତାରିଣୀ - ୫୪

ମୀନକେତନ ପଟ୍ଟନାୟକ
ହୁସେନ, ହସିନା ଓ ଅନ୍ୟମାନେ - ୫୬

ଲମ୍ବୋଦର ପ୍ରସାଦ ଦାସ
ମସୀଜୀବୀର ଡାଏରୀ - ଜିଇଁବାର ମୂଲ - ୬୪

ଆମ କଳା ଆମ କଳାକାର
ମୀନକେତନ ପଟ୍ଟନାୟକ - ୬୬

ବିଦ୍ୟାଧର ପଣ୍ଡା
ଆମ ସଂସ୍କୃତି - ନାରୀ ବେଶରେ ପୂଜା - ୬୭

ସ୍ମୃତି ରଞ୍ଜନ ନାଥ
ଭାରତ ଏବଂ ଫୁଟବଲ ବିଶ୍ୱକପ - ୭୦

ଓଡ଼ିଆ ପତ୍ରିକା ସମୀକ୍ଷା
ବ୍ୟଙ୍ଗବାଣୀ - ୭୨

ପାଠକୀୟ ମତାମତ - ୭୫

# ଆମେ ଆଉ ବଡ଼ ହେଲେ କେମିତି ?



ପ୍ରତି ମାସରେ ଓଡ଼ିଆ ଭାଷାରେ ପ୍ରକାଶିତ ଅଗଣିତ ପତ୍ରପତ୍ରିକା ମଧ୍ୟରେ ଆହ୍ୱାନକୁ ମଧ୍ୟ ଆପଣେଇ ନେଇଥିବା ପାଠକ ପାଠିକା ମାନଙ୍କୁ ସମ୍ମାନ ଜଣାଇ ଚଳିତ ମାସର ଆହ୍ୱାନକୁ ଲୋକାର୍ପଣ କରୁଛି । ବିଷୟ ବିଶେଷର ଆବଶ୍ୟକତା ଦୃଷ୍ଟିରୁ ସଂପାଦକୀୟ ଏକ ପତ୍ରିକାର ବିଶେଷ ଆବଶ୍ୟକତା ହୋଇ ନ ପାରେ, ହେଲେ ଜଣେ ସଂପାଦକଙ୍କ ଦାୟିତ୍ୱବୋଧ ଏହି ବିଶେଷ ପୃଷ୍ଠାକୁ ନିଜ ମତାମତ ଉତ୍ଥାପନ କରିବା ପାଇଁ ବ୍ୟବହାର କରିବାରେ କୌଣସି କୁଣ୍ଠା କରିବା ଅନୁଚିତ ।

ବିଗତ ମାସ ଓଡ଼ିଆ ଏବଂ ଓଡ଼ିଶା ପାଇଁ ଏକ ମହତ୍ୱପୂର୍ଣ୍ଣ ସମୟ ଥିଲା । ବିଶେଷ କରି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ବେଢ଼ାରେ ଅଣହିନ୍ଦୁଙ୍କ ପ୍ରବେଶ ନେଇ ଭିନ୍ନ ଭିନ୍ନ ମତ ଦେଇଥିବା ରାଜନେତା ଓ ଏହାର ପ୍ରଭାବରେ ପୁରୀରେ ଆନ୍ଦୋଳନାତ୍ମକ କାର୍ଯ୍ୟକଳାପ । ଅବଶ୍ୟ ଏହି ପ୍ରଶ୍ନ ନୂଆ ନୁହେଁ । ବିଭିନ୍ନ ସମୟରେ ଶ୍ରୀ ମନ୍ଦିର ଭିତରକୁ ଅନଧିକୃତ ପ୍ରବେଶ କରିବା ପାଇଁ ଚେଷ୍ଟା କରି ଅନେକ ଯାତ୍ରୀ ଶ୍ରୀମନ୍ଦିରର ରୀତିନୀତିରେ ବାଧା ଉପୁଜାଇଛନ୍ତି । ବିଗତ ବର୍ଷ ଏହି ପ୍ରକାରର ଅନେକ ଘଟଣା ଲୋକ ଲୋଚନକୁ ଆସିବା ପରେ ଏହାକୁ ନେଇ କୌଣସି ଏକ ନୀତିଗତ ବ୍ୟବସ୍ଥା କରିବା ପାଇଁ ବୁଦ୍ଧିଜୀବି ମହଲରେ ଦାବୀ ଉଠିଥିଲେ ସୁଦ୍ଧା କିଛି କରାଯାଇ ପାରିଲା ନାହିଁ । ଚଳିତ ବର୍ଷ ଜନୈକ ରାଜନେତାଙ୍କ ବକ୍ତବ୍ୟ ଯେ ଶ୍ରୀମନ୍ଦିର ଭିତରକୁ ଅଣହିନ୍ଦୁଙ୍କ ପ୍ରବେଶକୁ ନେଇ ଥିବା କଟକଣା କୋହଳ କରାଗଲେ ଏହାଦ୍ୱାରା ଅନେକ ସୁବିଧା ହେବା ସହ ପର୍ଯ୍ୟଟନ ଶିଳ୍ପକୁ ପ୍ରୋତ୍ସାହନ ମିଳିବକୁ ଆଧାର କରି ଆନ୍ଦୋଳନର ସୂତ୍ରପାତ ହୋଇଥିଲା ।

ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ କେବଳ ଯେ ହିନ୍ଦୁଙ୍କ ଦେବତା ବୋଲି କହିବା ଠିକ ହେବନି,

ଆଉ ମୋର ଏହି ମତ ସହ ଅନେକେ ସହମତ ହେବେ ନିଶ୍ଚୟ । ଜଗତର ନାଥ ବୋଲି ତାଙ୍କୁ ଆମେ ଯଦି ଜଗନ୍ନାଥ ଆଖ୍ୟା ଦେଇପାରିଲେ ତେବେ ତାଙ୍କରି ପାଖରେ ହିନ୍ଦୁ ଅଣହିନ୍ଦୁର ଭେଦଭାବ କରିବା କେତେଦୂର ଯୁକ୍ତିଯୁକ୍ତ ? ଶ୍ରୀ ମନ୍ଦିରରେ କାଁ ଭାଁ କେବେ କିଏ ଅଣହିନ୍ଦୁ ପ୍ରବେଶ କରିଥାଏ, ହେଲେ ସେ ସମୟରେ ବିଧର୍ମୀର ଛାଇ ପଡ଼ିଲା କହି ଭଗବାନ ଓ ଭକ୍ତଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ ହୋଇଥିବା ସମସ୍ତ ପ୍ରସାଦକୁ ନଷ୍ଟ କରିଦିଆ ଯାଏ । ଯଦିଓ ଆମେ ଭଲଭାବରେ ଜାଣୁ ସେହି ପ୍ରସାଦ ଦ୍ୱାରା ଅଗଣିତ ଅନାଥ ପିଲାମାନେ ପେଟରେ ଦାନାଟିଏ ପାଇପାରନ୍ତେ କେବଳ ନୀତି ଓ ପରଂପରାର ଦ୍ୱାହି ଦେଇ ସବୁକିଛି ନଷ୍ଟ କରିଦିଆଯାଏ । ତାହେଲେ କଣ ଅଣହିନ୍ଦୁ ହେବାଟା ଏଡ଼େ ବଡ଼ ଅପରାଧ ? ଯଦି ହଁ ତେବେ ଆଜି ଆମ ପିଲାମାନେ ବିଦେଶରେ ଯାଇ ସେଇ ଅଣହିନ୍ଦୁଙ୍କ ଅଧିନରେ କାମ କରିବାକୁ ଅପରାଧ ବୋଲି ମଣିବା ନାହିଁ କାହିଁକି ? ଯଦି ଅଣହିନ୍ଦୁଙ୍କୁ ଆମ ମନ୍ଦିରରେ ପ୍ରବେଶ ନିଷେଧ ତାହେଲେ ଆମେ ମସଜିଦ ହେଉ ଅବା ଗୀର୍ଜାଘର ହେଉ ଯିବା କାହିଁକି ? ତାଜମହଲ ଯେଉଁଠି କବର ରହିଛି ସେଠାକୁ ଯିବା କାହିଁକି ? ଆଉ ଯଦି ସତରେ ଆପଣ ଉପରୋକ୍ତ କଥା ସବୁ ମାନିବେ ବୋଲି ଭାବୁଛନ୍ତି ତେବେ, ଆଜି ଠାରୁ ପ୍ୟାଣ୍ଟସାର୍ଟ ଛାଡ଼ି ଧୋତି ପିନ୍ଧିବା ଆରମ୍ଭ କରି ଦିଅନ୍ତୁ । କାରଣ ହିନ୍ଦୁମାନେ ପ୍ୟାଣ୍ଟସାର୍ଟ ତିଆରି କରିନାହାନ୍ତି ।

ମୁଁ ଜାଣେ ମୋର ଉପରୋକ୍ତ ମନ୍ତବ୍ୟ ସବୁପରେ ଆପଣ ମାନଙ୍କ ମଧ୍ୟରେ ଏମିତି ବନ୍ଧୁମାନେ ବି ଥିବେ ଯେଉଁମାନେ ଏହା ବିପକ୍ଷରେ ଯୁକ୍ତି କରିବା ପାଇଁ ଚାହୁଁଥିବେ, ସେମାନଙ୍କୁ ଅନୁରୋଧ ଚଳିତ ସଂସ୍କରଣରେ ବିଶେଷ ଭାବରେ ପାଠକୀୟ ମତାମତ ପୃଷ୍ଠାରେ ଏହି ପ୍ରଶ୍ନର ନିଜସ୍ୱ ଉତ୍ତର ଲେଖି ଆମ ନିକଟକୁ ପଠାଇବେ । ନିଜର ବାହୁବଳରେ କୁଶପୁତ୍ତଳିକା ଦାହ କରିବାର କ୍ଷମତା ରଖୁଥିବା ବନ୍ଧୁମାନେ ନିଜର ସୁଚିନ୍ତିତ ମତାମତ ଦେବାକୁ ଭୁଲିବେ ନାହିଁ ।

ଜଗନ୍ନାଥ ମନ୍ଦିରକୁ କେବଳ ହିନ୍ଦୁମାନଙ୍କ ବୋଲି କହିବା ଦ୍ୱାରା ଲାଭ କଣ ହେଉଛି ତାହା ମୁଁ ଜାଣେ, ହେଲେ ଏହାକୁ ସର୍ବଧର୍ମ ପାଇଁ ଉନ୍ମୁକ୍ତ କରିଦେଲେ ଯେ ଏଥିରେ କୌଣସି ଅସୁବିଧା ହୋଇଯିବ ତାହା ଚିନ୍ତା କରିବାର କଥା । ଆମେ ହୋଟେଲ ବଜାର ଗଲେ କାହାର ଧର୍ମ ଓ ଜାତି ପଚାରି ଜିନିଷ କିଣାବିକା କରୁ କି ? ଯଦି ଆମ ସାଥିରେ କାମ କରୁଥିବା ଲୋକଟି ଅଣହିନ୍ଦୁ ହୋଇଥାଏ ତେବେ ଆମେ ତାକୁ ଖରାପ ବ୍ୟବହାର କରି ପାରିବା କି ? ଯଦି ଆମେ ନିଜ ଧର୍ମର

ମହାନତା ଅନ୍ୟ ସମ୍ମୁଖରେ ଦେଖାଇ ପାରିବା ନାହିଁ, ତେବେ ସେପରି ଧର୍ମକୁ କେବଳ କେତେଜଣ ରକ୍ଷଣଶୀଳ ବ୍ୟକ୍ତି ହିଁ ନିଜର ସଂପତ୍ତି ବୋଲି କହିପାରିବେ ସିନା ତାହା ବିଶ୍ୱଧର୍ମ ହୋଇ ପାରିବ ନାହିଁ ।

ବିଶ୍ୱରେ ପ୍ରଥମ ଧର୍ମ ଭାବରେ ଜାତ ହିନ୍ଦୁଧର୍ମ ନିଜର ମହତ ପଣିଆ ଦେଖାଇ ଅନ୍ୟଙ୍କୁ ନିଜର ଆନୁଗତ୍ୟ କରାଇ ପାରିଲେ ସେଥିରେ ଭୁଲ କେଉଁଠି ରହିଲା ? ଯଦି ଅଣ ହିନ୍ଦୁଟିଏ ଆମ ମନ୍ଦିରକୁ ଆସି ଆମ ଦେବତାଙ୍କୁ ଦେଖିବାର ସ୍ପୃହା କରୁଛି ସେଥିରେ ଭୁଲ କେଉଁଠି ରହିଲା ? ଅତୀତରେ ଭକ୍ତ ସାଲବେଗ ଅଣ ହିନ୍ଦୁ ହୋଇଥିବା ସତ୍ତ୍ୱେ ଜଗନ୍ନାଥଙ୍କ ଆନୁଗତ୍ୟ ପ୍ରାପ୍ତି କରିଥିଲେ, ଏବେ ବି ଆମେ ତାଙ୍କ ଦ୍ୱାରା ରଚିତ ଭଜନକୁ ଗାଉଛେ । ଯଦି ଏଥିରେ କିଛି ଅସୁବିଧା ନାହିଁ ତେବେ ମନ୍ଦିର ଭିତରେ ପ୍ରବେଶ କରିଦେଲେ କଣ ଅସୁବିଧା ହେଉଛି ?

ପୁରୀର ଉନ୍ନତି ପଛରେ ଜଗନ୍ନାଥ ମନ୍ଦିରର ପ୍ରଚ୍ଛନ୍ନ ହାତ ରହିଛି ଏହା ସମସ୍ତେ ମାନିବେ । ପୁରୀରେ ବ୍ୟବସାୟ କରୁଥିବା ଲୋକମାନେ ଯେ ବର୍ଷସାରା ଶ୍ରୀ ମନ୍ଦିରକୁ ଆସୁଥିବା ପରିଦର୍ଶକ ମାନଙ୍କ ଉପରେ ନିର୍ଭରଶୀଳ ଏଥିରେ ଦ୍ୱିମତ ନାହିଁ । ମନ୍ଦିର ବେଢ଼ାରେ ବସୁଥିବା ଉଣା ଅଧିକେ ସବୁ ପଣ୍ଡାମାନେ ବଙ୍ଗାଳୀ ଭାଷାରେ ପାରଙ୍ଗମ, କେବଳ ଏଇଥିପାଇଁ ଯେ ମନ୍ଦିରକୁ ଆସୁଥିବା ଅଧିକାଂଶ ଭକ୍ତ ପଶ୍ଚିମବଙ୍ଗରୁ ଆସିଥାନ୍ତି, ଯଦି ମନ୍ଦିର ଭିତରକୁ ସବୁ ଧର୍ମର ଲୋକଙ୍କୁ ପ୍ରବେଶାଧିକାର ଦିଆଯାଏ, ତେବେ ଏଠାରେ ରୋଜଗାରର ପନ୍ଥା ବୃଦ୍ଧି ପାଇବ ଏଥିରେ ଦ୍ୱିମତ ନାହିଁ ।

ଯଦି ଜଣେ ବ୍ୟକ୍ତି ସ୍ୱେଚ୍ଛାରେ ମନ୍ଦିର ଭିତରେ ପ୍ରବେଶ କରେ, ତେବେ ସେ ମନ୍ଦିର ଭିତରେ ମହାପ୍ରଭୁଙ୍କ ଦର୍ଶନ ପରି ମହତ୍ ଉଦ୍ଦେଶ୍ୟ ନେଇ କି ହିଁ ଆସିଥିବ ଏଥିରେ ସନ୍ଦେହ ନାହିଁ । ଅଯଥାରେ କାହିଁକି ଜଣେ ଅଣହିନ୍ଦୁ ମନ୍ଦିର ଭିତରେ ପ୍ରବେଶ କରିବ ? ବୁଲିଯିବା ପାଇଁ ଦୁନିଆ ପଡ଼ିଛି କିଏ କାହିଁକି ଅଯଥାରେ ଶ୍ରୀମନ୍ଦିର ଭିତରେ ପଶିବ ? ଆଉ ଯଦି ବା ସେମିତି କେହି କରେ, ତାର ଫଳ ସେ ନିଶ୍ଚୟ ଭୋଗିବ । ଶ୍ରୀମନ୍ଦିରକୁ ଯଦି ଆମେ ସର୍ବଧର୍ମ ସମନ୍ୱୟର ସ୍ଥାନ ବୋଲି ବିବେଚନା କରିବା, ଏହାଦ୍ୱାରା ସମାଜରେ ସାମାଜିକ ସମନ୍ୱୟ ଓ ଭ୍ରାତୃଭାବ ଯେ ବୃଦ୍ଧିପାଇବ ସେଥିରେ

ଦ୍ୱିମତ ନାହିଁ ।

ଚଳିତ ବର୍ଷ ଭାରତରେ ସରକାରଙ୍କ ଅପାରଗତା ଓ ଦୂରଦର୍ଶୀତାର ଅଭାବରୁ ଜନ ସାଧାରଣଙ୍କ ଉପରେ ଦରଦାମ ବୃଦ୍ଧିର ଏପରି ପ୍ରଭାବ ପଡ଼ିଲା ଯେ ସାଧାରଣ ନାଗରିକ ଠାରୁ ଆରମ୍ଭ କରି ବେତନଭୋଗୀ ପର୍ଯ୍ୟନ୍ତ ସମସ୍ତେ ହଇରାଣ ହରକତ ହେଲେ, ଏବଂ ହେଉଛନ୍ତି ମଧ୍ୟ । ଦେଶର ଏପରି ଏକ ସମୟରେ ଦୁର୍ନୀତି ପ୍ରତିରୋଧ କରିବା ନିମନ୍ତେ ବର୍ଷିୟାନ ଗାନ୍ଧୀବାଦୀ ନେତା ଆନ୍ନା ହଜାରେଙ୍କ ଅଭ୍ୟୁଦୟ ଦେଶର ଶୋଷିତ ଜନତାଙ୍କୁ ଏକ ନୂତନ ଯୋଶ ଆଉ ଶକ୍ତି ଆଣି ଦେଇଛି । ବିଦେଶୀ ବ୍ୟାଙ୍କ ଗୁଡ଼ିକରେ ବେନାମୀ ଖାତାରେ ଆମ ଦେଶର ଟଙ୍କା ଗଛିତ ରହିଛି, ତାହାକୁ ଦେଶକୁ ଫେରାଇ ଆଣିବା ଲାଗି ଯୋଗଗୁରୁ ବାବା ରାମଦେବ ପ୍ରଚେଷ୍ଟା ଜାରୀ ରଖିଛନ୍ତି । ହେଲେ ଜନ ଲୋକପାଳ ପରି ଏକ ପଦବୀ ସ୍ଥାପନ କରିବା ଏବଂ ଏହି ବ୍ୟବସ୍ଥା ଦ୍ୱାରା ସମାଜରୁ ଦୁର୍ନୀତି ଦୂର କରିବା ଦାବୀକୁ ସରକାର ପ୍ରଥମେ ଅଗ୍ରାହ୍ୟ କରିଦେଇଥିବା ଏବଂ ପରେ ପରେ ସରକାରୀକଳକୁ ସୁହାଇଲା ଭଳି ନୀତି ନିୟମ ସହିତ ଉପସ୍ଥାପନ କରାଯାଉଥିବା ବିପକ୍ଷରେ ଆନ୍ନା ହଜାରେ ଆଗାମୀ ୧୬ ତାରିଖରୁ ଦିଲ୍ଲୀର ଜୟ ପ୍ରକାଶ ନାରାୟଣ ସଭାସ୍ଥଳରେ ବିରାଟ ଗଣ ଆନ୍ଦୋଳନର ଡ଼ାକରା ଦେଇଛନ୍ତି । ରାମ ରାଜ୍ୟ ଫେରିବା ସ୍ୱପ୍ନକୁ ବିଜେପି ସରକାର ପୂରଣ କରି ପାରିନଥିଲେ ସତ ହେଲେ ଆନ୍ନା ହଜାରେଙ୍କ ଦୃଢ଼ ମନୋବଳ ସିଦ୍ଧ କରୁଛି ଯେ ଆଶା ରହିଛି । ଆନ୍ନା ହଜାରେଙ୍କୁ ସମର୍ଥନ ଜଣାଉଥିବା ପ୍ରତ୍ୟେକ ଭାରତୀୟଙ୍କୁ ସମ୍ମାନ ଜଣାଉଛି, ଏବଂ ଆଶା କରୁଛି, ଭାରତକୁ ଦୁର୍ନୀତି ମୁକ୍ତ କରିବାରେ ଏହି ଆନ୍ଦୋଳନ ଏକ ଦ୍ୱିତୀୟ ସ୍ୱାଧିନତା ଆନ୍ଦୋଳନ ବୋଲି ସାବ୍ୟସ୍ତ ହେଉ ।

ପରିଶେଷରେ ଆପଣ ମାନଙ୍କ ସ୍ନେହ ଓ ଆଶୀର୍ବାଦର କାମନା କରି ଉପସ୍ଥାପନ କରୁଛି ଚଳିତ ମାସର ଆହ୍ୱାନ ଇ-ପତ୍ରିକା । ଆପଣ ମାନଙ୍କ ମତାମତ ଅପେକ୍ଷାରେ ରହିଲି ।

ଡ଼ ଜ୍ୟୋତି ପ୍ରସାଦ ପଟ୍ଟନାୟକ (ସଂପାଦକ)

ନୂତନ ଓଡ଼ିଆ ଭକ୍ତିସଂଗୀତ ସଂଗ୍ରହ

# ସବୁ ତ ତୁମରି କୃପା ହେ

ଓଡ଼ିଆ ଭକ୍ତି ସଂଗୀତ ଜଗତରେ ଦିନକୁ ଦିନ ଭଜନ ତଥା ଭକ୍ତି ସଂଗୀତର ଗୁଣାତ୍ମକ ମାନ ଓ ସଂଖ୍ୟାତ୍ମକ ମାନ ଧିରେ ଧିରେ ହ୍ରାସ ପାଇ ଆସୁଥିବା ଭଳି ଏକ ଘଡ଼ିସନ୍ଧି ସମୟରେ ଭୁବନେଶ୍ୱରର ଆସ୍ଥା ମ୍ୟୁଜିକ ନିଜର ନାମ ସଦୃଶ ଭକ୍ତି ସଂଗୀତପ୍ରେମୀଙ୍କ ଆସ୍ଥା ଜିଣିବାରେ ସକ୍ଷମ ଏକ ଅନନ୍ୟ ଭଜନସଂଗୀତ ସଂଗ୍ରହ ପ୍ରସ୍ତୁତ କରିଛନ୍ତି ।

ଶିରିଡ଼ି ସାଇ ବାବାଙ୍କ ଉଦ୍ଦେଶ୍ୟରେ ନିର୍ମିତ ଏହି ଭଜନ ସଂଗ୍ରହରେ ସମୁଦାୟ ୮ ଗୋଟି ଭଜନ ସ୍ଥାନ ପାଇଛି । ବାବାଙ୍କ ପ୍ରତି ଶ୍ରଦ୍ଧା ଓ ବିଶ୍ୱାସ ରଖୁଥିବା ପ୍ରତ୍ୟେକ ଭକ୍ତଙ୍କ ମନର ଆବେଦନାକୁ ଏହି ସଂଗୀତ ସଂଗ୍ରହରେ ଶବ୍ଦ ଦେଇଛନ୍ତି ଅନନ୍ୟ ସାଇ ଭକ୍ତ ଉଦୟନ ସୁପକାର -କୁନ୍ଦନ ଏବଂ ଏହି ସମସ୍ତ ଗୀତକୁ ନିଜର ମଧୁର ସଂଗୀତ ଦେଇଛନ୍ତି ବର୍ଷ ୨୦୦୮ର ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଦ୍ୱାରା ଶ୍ରେଷ୍ଠ ସଂଗୀତ ନିର୍ଦ୍ଦେଶକ ପୁରସ୍କାର ପ୍ରାପ୍ତ ଶ୍ରୀଯୁକ୍ତ ବାବୁ ମିଶ୍ର ।



ଆସ୍ଥା ମ୍ୟୁଜିକ୍‌ର ସ୍ୱତ୍ତାଧିକାରୀ ଶ୍ରୀମତି ଇନ୍ଦିରା ସୁପକାର କହିଛନ୍ତି ଯେ ଏହି ଭଜନ ସଂଗ୍ରହ ସେ ବ୍ୟବସାୟିକ ଲାଭ ଉଦ୍ଦେଶ୍ୟରେ ପ୍ରସ୍ତୁତ କରି ନାହାନ୍ତି । ସାଇ ବାବାଙ୍କ ପ୍ରତି ତାଙ୍କର ପ୍ରଗାଢ଼ ବିଶ୍ୱାସ ଓ ଆସ୍ଥାର ନିଦର୍ଶନ ସ୍ୱରୂପ ସେ ଏହି ଭଜନ ସଂଗ୍ରହକୁ ବାବାଙ୍କ ଭକ୍ତ ମାନଙ୍କ ଉଦ୍ଦେଶ୍ୟରେ ନିର୍ମାଣ କରିଛନ୍ତି । ଓଡ଼ିଶାରେ ଭକ୍ତି ସଂଗୀତ କ୍ରମଶଃ ମର୍ଯ୍ୟାଦାହୀନ ହୋଇଯାଉଥିବା ସମୟରେ ଏହାର ପ୍ରତିରୋଧ ହେତୁ ତାଙ୍କର ଏହି ଉଦ୍ୟମ ସର୍ବଦା ପ୍ରଶଂସନୀୟ ରହିବ ବୋଲି ଆମେ କାମନା କରୁଛୁ ।

ଏହି ଭଜନ ସଂଗ୍ରହରେ କଣ୍ଠଦାନ କରିଛନ୍ତି ଶୈଳଭାମା ମହାପାତ୍ର, ଇତିଶ୍ରୀ ଦିକ୍ଷିତ, ଜଲି ରଥ, କୁମାର ବାପି, ସୌରଭ ନାୟକ, ସଂଘମିତ୍ରା ଜେନା, କୁନାଲ ହୋତା ,ବାବଲା ହୋତା ତଥା ସ୍ୱୟଂ ସଂଗୀତକାର ଶ୍ରୀ ବାବୁ ମିଶ୍ର ।

ଏହି ଭଜନ ସଂଗ୍ରହକୁ ସର୍ବଜନବିଦିତ କରାଇବା ଉଦ୍ଦେଶ୍ୟରେ ବିଶ୍ୱବ୍ୟାପି ଅନ୍ତର୍ଜାଲ (ଇଣ୍ଟରନେଟ)ରେ ଏହାର ସଂପ୍ରସାରଣ ହେତୁ କେତେକ ଭିଡ଼ିଓ ପ୍ରସ୍ତୁତ କରିଛନ୍ତି କଳା ଓ ସଂସ୍କୃତିପ୍ରେମୀ ଶ୍ରୀ ସୁଜିତ ମଧୁଆଳ । ଏହିଭଳି ଏକ ସାଧୁ ଉଦ୍ୟମ ପଛରେ ଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ଆହ୍ୱାନ ପରିବାର ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରୁଛୁ । ଓଡ଼ିଶାର ଭକ୍ତି ସଂଗୀତ କ୍ଷେତ୍ରରେ ଏହି ଅବଦାନ ଏକ ମାଇଲ ଖୁଣ୍ଟ ଭାବରେ ପରିଗଣିତ ହେଉ ଏବଂ ଅଗଣିତ ଭକ୍ତ ତଥା ଶ୍ରୋତା ମାନଙ୍କ ହୃଦୟ ଭାଜନ ହେଉ, ଏହି କାମନା କରୁଛୁ ।



A rare photo of Sai Baba



# ଆମ ଗାଁ ବରଗଛ

ମନୋଜ ଦାସ

ସେ ଏକ ମାର୍ମିକ ସତ୍ତା, ଶାନ୍ତ ଓ ଉଦାର
ସ୍ନେହମୟ, ଯଦ୍ୟପି ଗମ୍ଭୀର,
ଆମ ଗାଁଆ ବରଗଛ ଅତିଶୟ ଭଦ୍ର
ଶିର ତାର ସମୁନ୍ନତ; ଦୃଶ୍ୟ ତାର ଆକାଶ ସମୁଦ୍ର ।

ଆମ ଗାଆଁ ବରଗଛ, ଚତୁର୍ଦ୍ଦିଗେ ଧୂଉ ଧୂଉ ବାଲି
ବିନ୍ଦୁଏ ସବୁଜ ଦ୍ୱୀପ, ଗୋଧୂଳିରେ ପକ୍ଷୀର କାକଳି
କରେ ତାକୁ ଉଜ୍ଜୀବିତ, ସତେ ଅବା ସେ ଏକ ସହର,
ତହିଁ ଚାଲେ ସୌଦାଗରି, ନାନା କାରବାର ।

ତା ଓହଳେ ଦୋଳି ଖେଳିବାରେ
ମନେହୁଏ ସତେ ଅବା ଉଡୁଛି ମୁଁ ଦେଶ ଦେଶାନ୍ତରେ,
କାଉଁରୀ କାମାକ୍ଷା ମନ୍ତ୍ରେ ନିଶାର୍ଦ୍ଧେ ସେ ହୋଇ ସଂଜୀବିତ
ପକ୍ଷୀରାଜ ଅଶ୍ୱଭଳି ସତେ ଅବା ଉଡ଼ିପାରେ ଦିଗରୁ ଦିଗନ୍ତ,
ମୋତେ ଧରି ପୃଷ୍ଠଦେଶେ; ତନ୍ଦ୍ରାଗତ ଧ୍ୟାନେ
ରାତି ପରେ ରାତି ମୁହିଁ ବିତାଇଛି ଅଦୃଶ୍ୟ ଭ୍ରମଣେ ।

ସୌଜନ୍ୟ – ଶ୍ରୀ ମନୋଜ ଦାସ



# ଆମ ଗାଁ - ସମୁଦ୍ର

ମନୋଜ ଦାସ

କେତେବେଳେ ମନେହୁଏ ସେ ଯେହ୍ନେ ଜନନୀ
ଢେଉର ପଣତ ମେଲି ନେବାକୁ କୋଳେଇ
ବଡ଼ ବ୍ୟଗ୍ର, ଭାଷା ତାର ଅତି ଅନ୍ତରଙ୍ଗ
ମାଆର ଆକଟ ଭଳି ଚେତନାରେ ତୋଳେ ପ୍ରତିଧ୍ୱନି ।

କେତେବେଳେ ମନେ ହୁଏ ସିଏ ଏକ ମହତୀ ରହସ୍ୟ
ଦେବୀ ଆତ୍ମା, ସତତ ନମସ୍ୟ,
ଅଥବା ସେ ସୀମାହୀନ ଆକାଶ ସେପାରି
ଅଛି ଯେଉଁ ଗୋପନୀୟ ସ୍ନିଗ୍ଧ ସ୍ୱର୍ଗପୁରୀ,
ତାହା ସହ ବାର୍ତ୍ତାଳାପେ ରତ
ନିଜର ପ୍ରଶାନ୍ତ ବୁକେ କରୁଥାଏ ତାକୁ ସେ ଫଳିତ ।

କିନ୍ତୁ ଯେବେ ପୂର୍ଣ୍ଣିମାର ଜ୍ୟୋତ୍ସ୍ନାରାଶି ନିଃଶବ୍ଦେ ସଞ୍ଚରେ
ଆଦିଗନ୍ତ ସମୁଦ୍ର ଜୁଆରେ,
ସେତେବେଳେ ଏ ସମୁଦ୍ର ହୁଏ ଏକ ଭିନ୍ନ ବାସ୍ତବତା
ଅତୀନ୍ଦ୍ରିୟ ଜଗତର ତନ୍ମୟ ଭିନ୍ନ ଅଭିଜ୍ଞତା !
ସେତେବେଳେ ଦୃଷ୍ଟିଦେଲେ ସମୁଦ୍ର କୂଳରୁ -
ଆମ ଗାଆଁ ମନେ ହୁଏ ଗାରେ ମାତ୍ର ସବୁଜ ସପନ
ବିମୁଗ୍ଧ ସମୁଦ୍ର ଏବଂ ପୂର୍ଣ୍ଣିମାର ଯାଦୁରୁ ଉତ୍ପନ୍ନ ।

ସୌଜନ୍ୟ - ଶ୍ରୀ ମନୋଜ ଦାସ



# ରାବଣ ଦହନ

ଉଦୟନ ସୁପକାର

ଦଶହରା ଉତ୍ସବର ଅନ୍ତିମ ଦିବସ,
ମନେ ଭରି ରହିଥିଲା ସଭିଙ୍କ ଉଲ୍ଲାସ – ୧

ଦଶରା ମେଳରେ ଦେଖି ରାବଣ ଦହନ,
ପୁତ୍ର ପଚାରିଲା ନିଜ ପିତାଙ୍କୁ ଏ ପ୍ରଶ୍ନ – ୨

ହେ ପିତା ବୁଝାଅ ମୋତେ ମାତର ଏତିକି,
ନିଆଁ ପ୍ରତିବର୍ଷ ଦିଏ ନେତା ହିଁ କାହିଁକି ? – ୩

ଗଣତନ୍ତ୍ର ରଥ ତଳେ ନିକ୍ଷେପିତ ପିତା,
କହିଲେ ଏତିକି କଥା ଜାଣୁ ନା କି ପୁତା – ୪

ଭାରତୀୟ ପରଂପରା ଏହି କଥା କହେ,
ନିଜ ବଂଶ ଲୋକ ଯିଏ, ସିଏ ନିଆଁ ଦିଏ – ୫

ନେତାଙ୍କ ବ୍ୟତୀତ କୁହ ଏ କଳିକାଳରେ,
ଦାନବର ବଂଶଧର କିଏ ହୋଇପାରେ – ୬

ଶ୍ରୀ ରାମଙ୍କ ନାମ ଶୁଭେ କେବଳ ସଭାରେ,
ରାବଣ ରାଜତ୍ୱ ଆଜି ମୋର ଏ ଦେଶରେ – ୭



# ଡ଼କାୟତ

ଉଦୟନ ସୁପକାର

ସକାଳୁ ସକାଳୁ ପଢ଼ି ସମାଚାର ପତ୍ର, ପିତାଙ୍କୁ ପଚାରେ ଏହି ପ୍ରଶ୍ନ ତାଙ୍କ ପୁତ୍ର – ୧

ଲାଞ୍ଚ ନେଉଥିଲେ ଶହେ ଟଙ୍କା ବଡ଼ବାବୁ, ଦୁର୍ନୀତି ବିଭାଗ ଯାଇ କଲା ତାଙ୍କୁ କାବୁ – ୨

ଉତ୍କୋଚ ନେବାରୁ ଏହି ଦଣ୍ଡ ଦିଆହେଲା, ଦୁଇ ବର୍ଷ କାରାଦଣ୍ଡ ସଶ୍ରମ ମିଳିଲା – ୩

କୋଟି କୋଟି ଟଙ୍କା କିନ୍ତୁ ମନ୍ତ୍ରୀ ଖାଇ କରି, ନିର୍ଦ୍ଦୋଷେ ଖଲାସ ହେଲେ ଚୋରୀ ସିଏ କରି – ୪

ଜୟମାଲ୍ୟ ସମର୍ଥକ ତାଙ୍କୁ ପିନ୍ଧାଇଲେ, ଶୋଭାଯାତ୍ରା ନଗରରେ ବାହାର କରିଲେ – ୫

ଏପରି ଅନ୍ତର କିଆଁ କୁହ ମୋତେ ପିତା, କାହା ଭାଗ୍ୟେ ମଧୁ, ଆଉ ଆନ ଭାଗ୍ୟେ ଯୋତା – ୬

କହିଲେ ପିତାରେ ବାପ କି କହିବି ତୋତେ, ଉଜାଣୀ ବହେ ଯମୁନା ଆମ ଏଇ ଦେଶେ – ୭

ଛୋଟ ଚୋର ଧରା ହେଲେ ଉତ୍ତମ ମଧ୍ୟମ, ବଡ଼ ଡ଼କାୟତକୁ ସର୍ବେ ମଣନ୍ତି ଯେ ଯମ – ୮

ପକେଟମାରୁକୁ ଜନତା ପିଟନ୍ତି ନିର୍ଘୁମ, ଦାଉଦ, ସଲେମ ପାଦେ କରନ୍ତି ସଲାମ – ୯

ଆମ ଦେଶ ଭାଗ୍ୟ ଏହା ଜନତା ଏପରି, ଉଠିବ କିପରି ସିଏ ଶୁଏ ଚେଇଁକରି – ୧୦

ତଥାପି ଡିଣ୍ଡିମ ଏଠି ବାଜେ ନିଶିଦିନ, କହୁଛନ୍ତି ନେତା ଆମ ଏ ଦେଶ ମହାନ – ୧୧



# ବୋଲ୍ ବମ୍ ହର୍‌ହର୍ ବମ୍

ଡ. କୁଳାଙ୍ଗାର

କାନ୍ଧରେ ଋଣ ଭାର ପିଠିରେ କଂପ୍ୟୁଟର
ଓଡିଆ ଜାତି ଆମେ
ପ୍ରକୃତି ସହିବାର ।
ସଅଳ ପକାଇ ପାଦ ଆଗକୁ ଧମାଧମ୍,
ବୋଲରେ ବୋଲ ବମ୍
ବୋଲରେ ହରହର୍ ବମ୍ ।

ପେଣ୍ଟ୍ ପକେଟ୍‌ରେ ଗଂଜେଇ ରକେଟ୍‌ରେ
ଚାଉଳ କିଲୋ ଏବେ
ଦିଟଙ୍କା ରିବେଟ୍‌ରେ ।
ବଢୁ ଗଂଜେଇ ଦାମ୍ ।
ବୋଲରେ ବୋଲ ବମ୍
ବୋଲରେ ହରହର୍ ବମ୍ ।

ମାଓବାଦୀଙ୍କ ଡରେ ପୁଲିସି ସାଇଡ୍‌ମାରେ
ଗଂଜେଇ ଗଛ ଚାଷ
ସବୁରି ଘରେ ଘରେ ।
ବୃକ୍ଷରୋପଣ ଭାରି ଗୋଟେ ମହତ କାମ ।
ବୋଲରେ ବୋଲ ବମ୍
ବୋଲରେ ହରହର୍ ବମ୍ ।

ଝିଅ ଦେଖୁଛି ସିଡି ପୁଅ ଟାଣୁଛି ବିଡି
ସ୍ତ୍ରୀରୀ ସଂଘ ଲିଡର୍ ବୁଲେ ଉଡେଇ ଶାଢି ।
ବଢିଛି ସୁଖଶାନ୍ତି, ବଢିଛି ସ୍ନେହ ପ୍ରେମ ।
ବୋଲରେ ବୋଲ ବମ୍
ବୋଲରେ ହରହର୍ ବମ୍ ।

ଯାଇଥିଲି ସୁରାଟ ଆଣିଲି ଗାନ୍ଧିନୋଟ
ଏଡ୍‌ସ ବି ଆଣିଚି
ନୁହେଁ ସେ ରୋଗ ଛୋଟ ।
ଓଷଦ ମିଳୁଚି ମୋତେ ପଡୁନି କିଛି ଦାମ୍ ।
ବୋଲରେ ବୋଲ ବମ୍
ବୋଲରେ ହରହର୍ ବମ୍ ।

ଆମ ଗାଁ ମୁଚୁକୁନ୍ଦ ବିକୁଚି ଦେଶୀମଦ
ଶୁଖୁଆପୋଡା ସାଙ୍ଗେ
ଖାଇଲେ ହଜେ ଗନ୍ଧ ।
ମିଲ୍‌ଟେରୀରୁ ତା ପୁଅ ଆଣେ ବି ହ୍ୱିସ୍କି ରମ୍ ।
ବୋଲରେ ବୋଲ ବମ୍
ବୋଲରେ ହରହର୍ ବମ୍ ।

ପାର୍ବତୀ ଦେବୀବର ପରି କାମ ଆମର
ଛାଲ ପାଇଁ କମିଲା ନମ୍ବର ବାଘଙ୍କର ।
ଜଙ୍ଗଲ କାଟି କରୁଛୁ ଶିବ ଶ୍ମଶାନ୍ ଧାମ୍ ।
ବୋଲରେ ବୋଲ ବମ୍
ବୋଲରେ ହରହର୍ ବମ୍ ।

ପୁଅ ଓ ଝିଅ ମିଶି ଯାଉଚୁ ହସି ହସି
ବର୍ଷାରେ ଭିଜି ଭିଜି ବାଟରେ ବସି ବସି
ପୁଅଠୁ କୋଉ ଗୁଣେ ଝିଅ ନୁହେଁ ସେ କମ୍
ବୋଲରେ ବୋଲ ବମ୍
ବୋଲରେ ହରହର୍ ବମ୍ ।



# ଦୁଇଟି ବ୍ୟଙ୍ଗ କବିତା

ଚୁଟି ଝଡ଼ୁଅଛି ବୋଲି ମୋ ମୁଣ୍ଡରୁ - ଟିଭି ଦେଖା ତେଲ କିଣିଲି
ଅଗଣିତ ଟଙ୍କା ଦେଇକରି ପରା ଘରକୁ ସେ ତେଲ ଆଣିଲି,
କେତେ କଣ ସବୁ ମିଶାମିଶି କରି - ଆୟୁରବେଦିକ ତେଲ
ହେଲେ ବି ସୁଧାରୁ ଭେଜାଲ ପଡିଲା - ପ୍ରଚେଷ୍ଟା ହୋଇଲା ଫେଲ

ଚିକିତ୍ସା ହୋଇଲା କାଳ
ହେଲ୍‌ମେଟ୍ ପରି ମୁଣ୍ଡ ମୋ ଦିଶୁଛି,
ଏବେ ଖୋଜିଲେ ମିଳୁନି ବାଳ !!!

---

ବର୍ଷସାରା ଛାଡ଼ି ପାଠବହି ମୋହ କରିଲି କେତେ ମୁଁ କାଣ୍ଡ
ପରୀକ୍ଷା ଖାତାକୁ ଧରି ମୁଁ ବସିଛି ସତେ କି ଏ ଯମ ଦଣ୍ଡ - ୧
ମାଷ୍ଟ୍ରେ କହୁଥିଲେ ପଢ଼ ପଢ଼ ବାବୁ ନ ପଢ଼ିଲେ ନାହିଁ ବାଟ
ମାଷ୍ଟ୍ରଙ୍କ କଥାକୁ ଅଗ୍ରାହ୍ୟ କରି ମୁଁ ହଉଅଛି ଛଟପଟ - ୨
ପ୍ରଶ୍ନପତ୍ର ମୋତେ ଲାଗୁଛି ଯେମନ୍ତେ ପରମାଣୁ ପରି ଅସ୍ତ୍ର
ପରୀକ୍ଷା ରିଜଲ୍ଟ ବାହାରିବା ପରେ ଖସି ଯିବ ମୋର ବସ୍ତ୍ର - ୩
ଯାହା ଦେଲେ ଟଙ୍କା ବାପା ବୋଉ ମୋର ସବୁ ତ ଦେଲି ଉଡ଼େଇ
ପାଠପଢ଼ା ଦିନେ ବଜାରେ ବୁଲିଲି ସତେ କି ବାଇ ଚଢ଼େଇ - ୪
ସାଙ୍ଗସାଥି ସବୁ ଲେଖି ଚାଲିଛନ୍ତି, ଚାଲୁ ନାହିଁ ମୋର ହାତ
କଣ ମୁଁ କରିବି ବାଟ ତ ଦିଶୁନି ନଇକୁ ନ ପାଏ କାତ - ୫
ଭାବୁଛି ଏ ସନ ପଢ଼ିବିରେ ପାଠ ଦେଇକରି ମନଧ୍ୟାନ
ମୋବଇଲ୍, କଂପ୍ୟୁଟର ସହ ଛାଡ଼ିଦେବି ସିଗାରେଟ୍ ଆଉ ପାନ - ୬



# ଫ୍ଲଅପ ମିଟିଙ୍ଗ

(ଧାରା ଶିରାବଣ ମାସ ଶେଷ ରବିବାର... ସ୍ୱରରେ)

ବ୍ୟଙ୍ଗକବି ସତ୍ୟାନାଶ

ମହାମଗୁଶୀର ମାସ ଶେଷ ଗୁରୁବାର । ମହାନ୍ତିବାବୁଙ୍କ ଘରେ ପଡ଼ିଛି ବିଚାର ॥
ଶାଶୁ ନଣନ୍ଦ ଶଶୁର ଏକଠାବେ ବସି । ଯୋଜନା କରନ୍ତି ବୋହୂ ପ୍ରାଣ ଦେବେ ନାଶି ॥
କହନ୍ତି ପୁଅ ଟଙ୍କାପୈସା ମାଇପକୁ ଦିଏ । ଆମର ପ୍ରତାପ କେତେ ଜାଣିନାହିଁ ସିଏ ॥

ରୋଷେ ଗଣଗଣ ହୋଇ ଶାଶୁ କହେ ଶୁଣ । ବିଟଳ ପଦ୍ମାଙ୍କ ଝିଅ ନଳିତା ମୋ ନାମ ॥
ପାଙ୍ଗୁଣିଆ ଘର ଝିଅ ମୋ ଘରକୁ ଆସି । ପୁଅକୁ ମୋର ବୋଦାରୁ କରିଅଛି ଖାସି ॥
ଉଠ୍‌ବସ୍ ହୁଏ ପୁଅ ବୋହୂର ବୋଲରେ । ଇଜ୍ଜତ ସାରିଣ ଶୋଧେ ତାହାରି କଥାରେ ॥
ବୋପା ଦାନ୍ତମଳିଖିଆ ଝିଅ ବାହା କଲା । ହାତୀଘୋଡ଼ା ଦେଖେଇଣ ଖଡ଼ା ଭଣ୍ଡେଇଲା ॥
ଅଶିଏ ହଜାର ଦେଲା ଲକ୍ଷେ ଟଙ୍କା କହି । ଟିଭି, ଫ୍ରିଜ, ଓ୍ୱାସିଂ ମେସିନ କିଛି ଦେଲା ନାହିଁ ॥
ଯୋଗିଣୀଖିଆର ନିଶ୍ଚେ ଭାଙ୍ଗିଦେବି ମୁହଁ । ତାହେଲେ ଚିହ୍ନିବ ସିଏ କାହାର ମୁଁ ଝିଅ ॥
ପୁଅକୁ ମୋ ଆଉଥରେ ବାହା କରେଇବି । ଲକ୍ଷ ଲକ୍ଷ ଡ଼ିମାଇଣ୍ଡି ଘରକୁ ଆଣିବି ॥
ଭିକମଗା – ଝିଅ ଲାଗି ଆଣିଅଛି କିଣି । ବଜାରରୁ ନୂଆ ଷ୍ଟୋଭ, ଡିଆସିଲି, କିରାସିନି ॥
କିରାସିନି ଢ଼ାଳି ଦିହେ ନିଆଁ ଲଗେଇଲେ । ଦେଖିବି ଜୀବନ ତାର କିଏ ରଖିପାରେ ॥

ମାଆ କଥା ଶୁଣି ଝିଅ ଖୋଲିଲା ତା ତୁଣ୍ଡ । ହାରାମଜାଦୀ ଏଥର ଦେଖିବ ମୋ କାଣ୍ଡ ॥
ଦିନରେ ଗିଳୁଛି ଭାତ ପାଞ୍ଚ ପାଞ୍ଚ ଥର । ଗୋଡ଼ ଘଷିବା ବେଳକୁ ଲାଗୁଅଛି ଜର ॥
ଲୁଚାଇ ପଢୁଛି ମୋର ଆସିଲେ କି ଚିଠି । ପିଟି ପିଟି ତାହାର ମୁଁ ଫଟାଇବି ପିଠି ॥
ଟୋକାମାନଙ୍କୁ ଦେଖିଲେ ହୁଏ ଚଙ୍ଗ ଚଙ୍ଗ । ଜଣା ପଡୁଅଛି ତାର ହୀନ ରଙ୍ଗ ଢ଼ଙ୍ଗ ॥
ମୋ ଭାଇକି ସବାଖାଇ ଜମାଫିଟ୍ ନୁହଁ । ଗୋଟେ ଚାପୁଡ଼ାକେ ତାର ଭାଙ୍ଗିଦେବି ମୁହଁ ॥

ଭୂଆଁ ବୁଲାଉଛି ମୋତେ ଟଙ୍କା ରଖିକରି । କାମୁଡ଼ି, ରାଂପୁଡ଼ି ତାକୁ ପକାଇବି ମାରି ॥

ନିଶକୁ ମୋଡ଼ି ଶଶୁର ଦୁଇହାତ ଛାଟି । କହେ ଆଗ ଚୋରଣୀର ଚୁଟିଦେବି କାଟି ॥
କପଟିଆ ଶଳା ବୁଢ଼ା ଭାଙ୍ଗିଲା ମୋ ଘର । ମୋ ପୁଅକୁ ହାତକରି କଲା ନାରଖାର ॥
ଝିଅକୁ ବତେଇ ଘରୁ ସବୁ ନେଲା ଲୁଣ୍ଠି । ହାବୁଡ଼େ ପଡ଼ିଲେ ଚିପିଦେବି ଶଳା ତଣ୍ଟି ॥
ମୋ ପୁଅ ମୋ ପଟେ ହେଲେ କାହାକୁ ବା ଡ଼ର । ସମୁଦି ପଣିଆ ଏବେ ଛଡ଼ାଇବି ତାର ॥
ଚୋରଣୀକି ନିଶ୍ଚେ ମୁହିଁ ପୋଡିଣ ମାରିବି । ପୁଅଟାକୁ ଆଉଗୋଟେ ବାହା କରିଦେବି ॥

ଦୁଆରେ ମହାନ୍ତି ପୁଏ ଶୁଣୁଥିଲେ ବସି । ରୋଷେ କବାଟ ଧଡ଼ାକୁ ଧଇଲେ ସେ କଷି ॥
ଘରେ ହେମଦସ୍ତାରେ ଛେଚିଲା ପରି ଅଦା । ପିଟିପିଟି ଭଉଣୀକୁ କଲେ ମନବୋଧ ॥
ବୁଢ଼ାବୁଢ଼ୀଙ୍କି ଦି ଦିନ ଖାଡ଼ିଆ ଉପାସ । ରଖିବାରୁ ଦସିପୋକ ମରିହେଲେ ଶେଷ ॥
ସଫା କରି କିରାସିନି ଷ୍ଟୋଭ୍ ଦେଲେ ପୋତି । ଘରଣୀ ସାଙ୍ଗେ ସିନିମା ଦେଖିଗଲେ ନିତି ॥
ତିନିକୁ ପଖାଳ ଦେଇ ଖାଇଲେ ଗରମ । ରଖିଲେ କବାଟ ଧଡ଼ା ଭଉଣୀର ଯମ ॥
ବୁଢ଼ାବୁଢ଼ୀ ଝିଅ ଆନ ଉପାୟ ନ ପାଇ । ବୋହୂପାଦେ ପଡ଼ି ହେଲେ ଧକେଇ ସକେଇ ॥



# ଜୀବନ ଇତିହାସ ଏକ ସାଧାରଣ ମଣିଷର

ଡ଼ଃ ମେଜର ଗୌରୀ ପ୍ରସାଦ ମହାପାତ୍ର

ବାଲିଘର ପିଲା ଖେଳ ମଧୁର ସମୟ; ପିତାମାତାଙ୍କ ସ୍ନେହରେ ଚାଲିଯାଏ ବେଳ

କୈଶୋର ସମୟରେ ସ୍ୱପ୍ନର କଜ୍ଜ୍ୱଳ, ଆଖିର ସମୁଦ୍ରରେ ହୃଦୟର ସ୍ୱର

ଜୀବନର ଲମ୍ବା ପଥେ, ଯୋଜନାର ଜାଲ; ସାଂଗ ସାଥୀ ଶିକ୍ଷା ଦୀକ୍ଷା ପଥେ ଯାଏ ବେଳ

ସାଥୀଟିଏ ଜୀବନର ଯେବେ ଆସିଯାଏ ଥରେ, ତରଂଗିତ ହୁଏ ମନ ସୁଖର ସଂସାରେ

ସଂସାର ଭିତରେ ଉଠେ ତରଂଗ, ଦ୍ୱନ୍ଦର, ସୁଖ ଓ ଦୁଃଖର ଜୀବନ ସମୁଦ୍ରରେ, ଜଂଜାଳ ଲହର

ସମଗ୍ର ଜୀବନ ଅଟଇ ଏକ ଅଥଳ ସମୁଦ୍ର, ସଂଗ୍ରାମ ଭିତରେ ମିଳଇ କୂଳ ସୁଖ ସମୃଦ୍ଧିର

ବେଳ କାଳ ଜଗେ ନାହିଁ ବହିଯାଏ ଜୀବନଟି, ନଇପରି ଏକ–ଜୀବନର ସୂର୍ଯ୍ୟାସ୍ତ ହୁଅଇ ନିକଟ

କାର୍ଯ୍ୟାଳୟରୁ ହୋଇଯାଏ ଅବସର ପ୍ରାପ୍ତ – ପେନସନ୍ ମାଧ୍ୟମରେ ମନ କର ତୃପ୍ତ

ଝିଅ ଜ୍ୱାଇଁ, ନାତି ନାତୁଣୀ, ବୋହୂ ଆଉ ପୁତ୍ର ସଂଗେ ରହି ଭୁଲିଯାଅ ଜୀବନର କ୍ଲାନ୍ତି ଏବଂ କ୍ଳିଷ୍ଟ

ଉଦିତ ସୂର୍ଯ୍ୟ ପୁଣି ହୋଇଯାଏ ଅସ୍ତ, ଜନମ ହୋଇଥିଲେ ମୃତ୍ୟୁ ଚିରନ୍ତନ ସତ୍ୟ

ମୃତ୍ୟୁପରେ କିଏ ଅବା କେତେଦିନ କରିବରେ ଶୋକ, ଧୀରେ ଧୀରେ ସମୟର ସୁଅଧାରେ ଭୁଲିବେ ସବୁତ

ସାଧାରଣ ମଣିଷର ଏଇ ଇତିହାସ ଦୁନିଆଁରେ ପ୍ରଭୁଙ୍କର ଏହିପରି ଚାଲିଅଛି ଲୀଳାବତୀ ରଥ



# ନୀଳକଣ୍ଠ

ସରୋଜ ସାହୁ

ଅମରତ୍ୱର ସଂଧାନରେ,
ଅମୃତର ଅନ୍ୱେଷଣରେ,
ଏ ଯାଏଁ ଖାଲି
ଗରଳ ହିଁ କଣ୍ଠସ୍ଥ କରିଛି

ପ୍ରେମର ବିଶ୍ଳେଷଣରେ
ପ୍ରିୟାର ସଂବୋଧନରେ
ଚିରକାଳ
ଅଭିନୟ ହିଁ ଦେଖିଛି

ପାଇବାର ମୋହରେ
ହରେଇଛି,
ଜୀଇଁବାର ଆଶ୍ଳେଷରେ
ବାରମ୍ବାର ନିଜେ
ରଚିଥିବା ବ୍ୟୂହ ଭିତରେ
ବାଟ ଖୋଜିଛି
ଅବାଟରେ ଯାଇଛି

ଗଲବେଳେ କହିଛି
ମୁଁ –
ଆସୁଛି, ଆସୁଛି ।



# ଛୋଟ ମୋର୍ ଗାଁଟି

ଚନ୍ଦ୍ର ଶେଖର ବିଶ୍ୱାଳ

ଛୋଟ ମୋର ଗାଁଟି
ଆଜି କାହିଁ ମନେ ପଡେ ତାର ନାଁଟି
ଆଖି ଆଗେ ନାଚିଉଠେ ତାର ଛବିଟି
ଛୋଟ ମୋର ଗାଁଟି

ହଜିଛି ତାର ଭିଜାମାଟି ମହକଟି
ସତେକି ସହର ହଜେଇ ଦେଇଛି ନବବଧୂର ବାସ୍ନାଟି
ଛୋଟ ମୋର ଗାଁଟି

ଝୁରୁଛି ମୁଁ ଆଜି ଆମ୍ବତୋଟାର ଖଟି
କାଶତଣ୍ଡୀ ବଣର ଲୁଚକାଳି ଖେଳଟି
ଛୋଟ ମୋର ଗାଁଟି

ମନେପଡେ ଆଜି ନଇପଠାରେ ପାଳଭୂତ ଖେଳଟି
ଆହାକି ସୁନ୍ଦର ଦୂର ଦିଗ୍‌ବଳୟରେ ଦୃଶ୍ୟଟି
ଛୋଟ ମୋର ଗାଁଟି

ଆଜି ଏ ସହରେ ଝାଞ୍ଜି ଖରାବେଳେ ମନେପଡେ ସେହି ଗାଁ ନଇଟି
କେତେ ଜଳକ୍ରୀଡା ହୋଇଛି ଯେ ସେଠି
ମୂକସାକ୍ଷୀ ସେହି ରହିଚି ନଇପଠାଟି
ଛୋଟ ମୋର ଗାଁଟି

ମନେପଡେ ସେହି ବର୍ଷା ଦିନର ଶୀତଳତାଟି
କାଗଜ ଡଙ୍ଗାର ଖେଳଟି
ଛୋଟ ମୋର ଗାଁଟି

ସହରର ଏଇ କଂକ୍ରିଟ ଚଟାଣରେ
ମନେପଡେ ସେହି ଗାଈ ଗୋଠଟି
ଛୋଟ ମୋର ଗାଁଟି

ମଉସୁମୀ ଘେରା ପାହାଡର ତଳେ
ଅଟେ ମୋ ପ୍ରିୟାର ଘରଟି
ଆଜି ସଂଜରେ ମନେପଡେ ଅତି
ଛୋଟ ମୋର ଗାଁଟି

ମା ପରି ମୋର ଗାଁଟି
ଭାରି ସ୍ନେହିଁ ଅଟେ ସେହି ଗ୍ରାମ ଦେବତୀ
ଛୋଟ ମୋର ଗାଁଟି

ବୟସର ରଙ୍ଗସିନା ଫୁଟି ଝଡି ସାରିଛି
ହେଲେ ଏ ଚୀର ସବୁଜ ଗାଁର କଥା
ଆହୁରି ବାକି ଅଛି
ମନେ ପଡିଲେ ତାର ନାଁଟି
ଆଖିରୁ ଲୁହର ଢୁଏନି ଇତି

ଛୋଟ ମୋର ଗାଁଟି ।



# -ସାଥୀ ତୁମେ-

ଶ୍ରାବଣୀ ପଟ୍ଟନାୟକ

ସାଥୀ ଗୋ
ଭୁଲି କି ଯାଉଛ ତୁମେ ମୁଁ ତୁମର କିଏ ବୋଲି?

ମୋର ସବୁ
ଦୁଃଖ ଓ ସୁଖରେ,
ବେଦନା ଶିକ୍ତ
ଶୋଚନା ଓ ଅନୁଶୋଚନାରେ,
ଅନୁରାଗର ଅକୁହା ବ୍ୟଥାରେ,

ଭଲ ପାଇବାର ସ୍ୱପ୍ନିଳ କଲ୍ଲୋଳରେ,
ତୁମେ ଥାଅ ମୋ ଅବଚେତନାର ଖୋଳପା ତଳେ,

ପ୍ରତିଟି ମୁହୂର୍ତ୍ତ ରେ,
ଛାତି ତଳ ର ପାପ ଓ ପୁଣ୍ୟରେ,
ଲୁହ ଭରା ଆଖି ର ପ୍ରଣୟୀ ସ୍ୱପ୍ନରେ,

କିଛି ବୁଝିପାର ତୁମେ?
ତମ ବିଜନ ବେଳାରେ ମୁଁ କେବେ ମନେ ପଡେ ?

ତୁମେ ମନେ ପଡ ସକାଳର ଛାଇ ଆଲୁଅରେ,
ମଧ୍ୟାହ୍ନର ନିର୍ଜନ ବେଳାରେ,
ଅପରାହ୍ନର ମିଠା ଗୋଧୂଳି ଆଲୁଅ ରେ,

ମୋ ସମର୍ପିତ ସନ୍ଧ୍ୟା ଆଳତୀରେ,
ଧୂପ ଦୀପର ନୈବେଦ୍ୟରେ,

ରାତ୍ରୀର ନିସଙ୍ଗ ପ୍ରହରରେ,
ଶୂନ୍ୟତା କୁ ସ୍ୱାଗତୋକ୍ତି କରୁଥିବା
ଛାତି ତଳର ଅନୁଭବ ରେ,

ପୁଣି...

କୋଟି ପ୍ରଣାମ ର
ସତ୍ତା ଓ ସୁର ରେ

ଥରେ ଫେରି ଚାହଁ ଅଫେରା ତାରୁଣ୍ୟର ହଜିଲା ଅତୀତକୁ

ଏବେ ମନେ ପଡିଲା?

ମୁଁ ତମର କିଏ ?

# ପବିତ୍ର ରକ୍ଷା ବନ୍ଧନ ପର୍ବର ଅଭିନନ୍ଦନ



ରକ୍ଷା ବନ୍ଧନ ପର୍ବ ଜାତି ଧର୍ମ ନିର୍ବିଶେଷରେ ସମସ୍ତେ ପାଳନ କରିଥାନ୍ତି । ହିନ୍ଦୁ, ଶିଖ୍ ଓ ମୁସଲିମ ମାନେ ଏହି ପର୍ବ ପାଳନ କରନ୍ତି । ଚିତ୍ତୋର ର ରାଣୀ କର୍ଣ୍ଣାବତୀ ମୋଗଲ ବାଦଶାହ ହୁମାୟୁନଙ୍କୁ ରାକ୍ଷୀ ବାନ୍ଧିବା ପରେ ଏହି ପର୍ବ ପ୍ରଚଳିତ ହୋଇଥିବାର କିମ୍ବଦନ୍ତି ରହିଛି । ଅତୀତରେ ଦ୍ରୌପଦୀ ଶ୍ରୀ କୃଷ୍ଣଙ୍କ ହାତରେ କନା ବାନ୍ଧିବା କଥା ବି ଏହି ପର୍ବ ସହ ସଂଶ୍ଳିଷ୍ଟ । ସେ ଯା ହେଉ ଭାଇ ଭଉଣୀଙ୍କ ପରସ୍ପର ପ୍ରତି ସ୍ନେହର ଏହି ଉତ୍ସବ ଉପଲକ୍ଷେ ଆହ୍ୱାନର ସମସ୍ତ ପାଠକ ପାଠିକାଙ୍କୁ ଅଭିନନ୍ଦନ ।



# ଅନୁରୋଧ

ସରିତା ରଥ
ମୁମ୍ବାଇ

ବହୁଦିନ ଅତିକ୍ରାନ୍ତେ
ତୁମେ ମାଗିବସିଲ
ସେ ହସର ପସରା, ଲୁହର ଅସରା,
ସାଉଁଟି ଧରିବାକୁ ଭଙ୍ଗା ମନର ବସେରା ।

ତୁମେ କହିଲ ଦେବାକୁ ତୁମକୁ
ପୁରୁଣା ସେ ଜହ୍ନରାତି
କିଛି ନିରୋଳା ପୀରତି
ପାଷାଣ ହୃଦୟରେ ଖୋଜି ବସିଲ
ତୁମରି ମୂରତି ।

କେମିତି ବା ମନା କରିହେବ
କେମିତି ବା ବୁଝେଇ ହେବ
ସେ ଉନ୍ମତ୍ତ ସୂର୍ଯ୍ୟ ଆଜି, ନରମି ଗଲାଣି,
ସେ ଉଦୁଉଦିଆ ଜହ୍ନଦେହେ
ଭାଗ ଭାଗ କ୍ଷତ ଉଙ୍କିମାରିଲାଣି ।

ତଥାପି...

ଥରେ ପଛକୁ ଚାହିଁଲି,
ମନରେ ପଡିଥିବା ଆସ୍ତରଣକୁ
ଆଡେଇ ଦେଖିଲି,

ମନ ଯମୁନାରେ ଆଜି ତୁମ ପ୍ରତିବିମ୍ବ,
ସେ ଓଠର ଜହ୍ନଦେଖି ପ୍ରାଣ ହତବମ୍ବ

ପଚାରିଲି ଏଇମିତି ବସିଛ ଏଇଠି !
ଜୀବନର ସୁଅ କେତେ ଯେ ଅଳିଆ ପକେଇ ଚାଲିଛି,
ହେ ମୋର ପ୍ରିୟତମ, ଆଜି ପ୍ରାଣ ବାଷ୍ପରୁଦ୍ଧ,
ଜୀବନକୁ ପ୍ରକ୍ଷାଳିତ କଲ ତୁମ ଏକ ଅନୁରୋଧ ।

କିଛି ଆଉ ଉଚ୍ଚାରଣ ନାହିଁ ହୃଦୟର
ତୁମ ନାମେ ବହୁଥାଉ ରକ୍ତ ଧମନୀର;
ପୂର୍ଣ୍ଣ ହେଉ, ପୂର୍ଣ୍ଣ ହେଉ ସ୍ୱପ୍ନ ତୁମ ମାନସର ।



# ଚାରୋଟି ଛୋଟ କବିତା

ବିଭୂତି ରଥ

(୧)

ମୁଁ ଛୁଇଁ ଦେଲେ ବୋଧେ
ସକ୍ ଲାଗି ଯାଉଛି ।
ଓହୋ ! ମୁଁ ଜାଣି ନଥିଲି
ଧନ୍ୟବାଦ ଜଣାଇଦେଲୁ
ମୋ ଦେହରେ
ଖରାପ, ଅଭଦ୍ର, ଅବିଶ୍ୱାସୀର
କରେଣ୍ଟ ଅଛି ।

(୨)

ମୋର ତ ଇଚ୍ଛା
ମୋତେ ଦେଖୁଥାନ୍ତି
ତୋ ଆଖିର ଆଇନାରେ
ମୋ ଦେହର
ଉଷ୍ମ ମାପୁଥାନ୍ତି
ତୋ ଦେହ ଥର୍ମୋମିଟରରେ

(୩)

ତୁ ତ ଚାଲିଗଲୁ ସତ କଥା
ମୋ ସୁଖ ଗୁଡାଙ୍କୁ
ନେଇଗଲୁ ତୋ ସହିତ
ଏକଠି କରି,
ତୋ ହସରେ !

(୪)

ତୋ ସ୍ୱପ୍ନ ମୋତେ
ଅନିଦ୍ରା କରୁଛି
ତୋ ସ୍ମୃତି ମୋତେ
ବିବ୍ରତ କରୁଛି
ମୁଁ ଚାହୁଁଛି ତୋତେ
ଏକାନ୍ତରେ ମୋ ପାଖରେ
ତୁ କିନ୍ତୁ ମୋ ଠାରୁ ଏବେ
ଅନେକ ଦୂରରେ !!!



# ମୁଁ ଅସଂପୂର୍ଣ୍ଣ

ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ସଂପୂର୍ଣ୍ଣ ହୋଇ ସୁଧା ଆଜି ମୁଁ ଅସଂପୂର୍ଣ୍ଣ
ଲୋଲୁପ ଗର୍ଭ ମୋହର
ହୋଇନାହିଁ ପରିପୂର୍ଣ୍ଣ
ଲୋଭ, ମୋହ, ମାୟା, ଦ୍ୱେଷ,
କାମ, କ୍ରୋଧର ଜ୍ୱାଳାରେ
ଉଦର ମୋର କ୍ଷୁଧାତୁର
ଗଭୀର, ଗହର ଉଦର କିନ୍ତୁ
ହୃଦକନ୍ଦର ମୋର ଅଗଭୀର
ଢାଳି ଦିଅ ଅମୃତଧାରା
ପ୍ରେମ, ମୈତ୍ରୀ ଓ ସୌହାର୍ଦ୍ଦ୍ୟର
ସେ ପୂର୍ଣ୍ଣାହୁତିରେ ହେଉ
ସମାପନ ଏହି ଅନଳର ।

ଅସଂପୂର୍ଣ୍ଣ ହେବାଲାଗି
ପୁଣି ଆତୁର ଏ ଜୀବ
ସର୍ତ୍ତ ରହୁ କ୍ଷୁଧା ହେଉ
ଜୀଜ୍ଞାସା ଜ୍ଞାନର ।।



# ସ୍ୱପ୍ନର ନାୟିକା

ନିହାର ରଞ୍ଜନ ବିଶ୍ୱାଳ

କେବେ ତୁମେ ଆସ ଦୂର ଦିଗ୍‌ବଳୟରେ,
କେବେ ତୁମେ ଆସ ନୀଳ ଆକାଶରେ,
କେବେ ତୁମେ ଆସ ରାତ୍ରୀର ଅନ୍ଧକାରେ,
ପୁଣି କେବେ ଆସ ତୁମେ ସୁନେଲି ସ୍ୱପ୍ନରେ (୧)

ସପନରେ ତୁମେ ଦେଖାଯାଅ ପରୀ,
ପରୀ ନୁହେଁ ତୁମେ ସ୍ୱର୍ଗର ଅପ୍‌ସରୀ,
ତୁମରି ରୂପରେ ଦେବାକୁ ଉପମା,
ସମୁଦ୍ରରୁ ସରିଯାଏ ସବୁ ବାଲିକଣା (୨)

ତୁମ ହସରେ ଅଛି କି ମାଦକତା,
ଯାହା ପାଇଁ ମନେ ହୁଏ ଚପଳତା,
ମନ ହୁଏ ମୋର ତୁମ ସାଥେ ଯିବା ପାଇଁ
କାହିଁ କେତେ ଦୂର ମୋତେ ଜଣା ନାହିଁ (୩)

ତୁମ ଚାହାଣୀରେ ଅଛି କେତେ ଧାର,
ଆଘାତ କରିଦିଏ ହୃଦୟକୁ ମୋର,
ହେଉ ପଛେ ମୋର ହୃଦୟ କ୍ଷତବିକ୍ଷତ,
ଚାହିଁ ରହିଥାଅ ତୁମେ ମୋତେ ଦିନ ରାତି ଯାକ (୪)

ତୁମ ଓଠରେ ରହିଛି ଗୋଲାପ ଫୁଲର ସତେଜତା,
ଭ୍ରମର ମନରେ ଆଣିଦିଏ ସେ ଭ୍ରମତା,
ହୋଇଥାନ୍ତି କି ମୁଁ ସେ ପାଗଳ ଭ୍ରମର,
ଚୁମୁଥାନ୍ତି ତୁମ ଓଠ ବାରମ୍ବାର (୫)

ଆଖିରେ ଭରି ରହିଛି ଲାଜ ଅସୁମାରି,
ଆଖି ନୁହେଁ ସେତ ତନ୍ଦ୍ରାର ନଗରୀ,
ଲାଜ ଲାଜ ଆଖି ତୁମ କହେ ମନ କଥା,
ବୁଝି ମୁଁ ପାରିଛି ତୁମ ସ୍ୱପ୍ନ ଗାଥା (୬)

ପାଉଁଜିର ରୁଣୁଝୁଣୁ କରେ ମନକୁ ଅଧିର,
ସପ୍ତସୁର ଥିଲା ଜାଣି ନଥିଲି ଅଷ୍ଟମ ସୁର,
ସବୁ ଦୁଃଖ ଭୁଲିଯାଏ ଟିକେ ଦେଲେ ହସି,
ହେ ପ୍ରେୟସୀ ତୁମେ ପରା ମୋର ସେହି ମନର ମାନସୀ (୭)

ସପନରେ ଦେଖା ଦେଲେ କିଛି କ୍ଷଣ ପାଇଁ,
ବିଚ୍ଛେଦ କଷ୍ଟ ଏ ମନ ସହି ନ ପାରଇ,
ପୁଣି କେବେ ଆସିବ ତୁମେ ଦେଇଯାଅ କଥା,
ସପନରେ ନୁହେଁ, ତୁମେ ଆସିବ ସତସତିକା (୮)

ନାହିଁ ମୋ ମନରେ ତୁମେ ନ ଫେରିବାର ଭୟ,
ଜାଣିଛି ତୁମେ ଆସିବ ମୋ ଜୀବନରେ ନିଶ୍ଚୟ,
ଚାହିଁ ବସିଥିବି ବାଟ ବୃଥା ଶବରି ପରିକା ,
ତୁମେ ହିଁ ମୋ ମନର ସ୍ୱପ୍ନର ନାୟିକା (୯)

# ମଶାଣି ଭୂଇଁ

ଦେବେନ୍ଦ୍ର ପାଣିଗ୍ରାହୀ

ମଣିଷଟିଏ ମଶାଣି ଭୂଇଁ ଯାଉଛି । ସେ ଅଭିନୟ କରୁଛି ସତେ ଯେପରି ସେ ମରିଯାଇଛି । ବହୁ ଲୋକ ରୁଣ୍ଡ ହୋଇ ଯାଇଛନ୍ତି । ଜିଅନ୍ତା ଶବଟିକୁ ଧଳା ଲୁଗାରେ ଘୋଡେଇ ଦିଆଯାଇଛି । କୋକେଇରେ ଶବଟି ବନ୍ଧା ହୋଇଯାଇଛି । ଅନ୍ତେଷ୍ଟି କ୍ରିୟାରେ ବହୁଲୋକ ଭାଗ ନେବାକୁ ଆସିଛନ୍ତି । ପ୍ରକୃତରେ କେତେ ଲୋକ ଯେଉଁମାନେ ହିଁ ପ୍ରକୃତ ବନ୍ଧୁ, ସହୋଦର କାନ୍ଦିବାକୁ ଲାଗିଛନ୍ତି । ସେମାନେ ପ୍ରକୃତରେ ଶୋକ ପ୍ରକଟ କରୁଛନ୍ତି । ଅନ୍ୟମାନେ ଯଦିଓ ଆସିଛନ୍ତି, ସମସ୍ତେ ନିଜ ନିଜ ସ୍ୱାର୍ଥରେ ଜଡ଼ିତ । କିଏ କହୁଛି ଏ ମଣିଷଟା ରବିବାର ଛୁଟି ଦିନଟାରେ ମରିଗଲା ଯାହା ଫଳରେ ଆମର ଏକ ଛୁଟି ମାଡ଼ ଖାଇଗଲା । ଯଦି ସେ ସୋମବାରରୁ ଶନିବାର ଭିତରେ ମରିଥାନ୍ତା, ଆମ୍ଭେମାନେ ସମସ୍ତେ ଗୋଟେ ଦିନ ଛୁଟି ପାଇଥାନ୍ତୁ କର୍ମକ୍ଷେତ୍ରରୁ । ଆଉ କିଏ କହୁଛି ମୋ ବଡ଼ ଝିଅ ଦିଲ୍ଲୀରୁ ଭୁବନେଶ୍ୱର ଆସୁଛି । ମୋତେ ଯାଇ ତାକୁ ଦେଖା କରିବାକୁ ପଡ଼ିବ । ଆଉ କିଏ କହୁଛି ମୋ ଜ୍ୱାଇଁ ପ୍ୟାରିସ୍ ଯାଉଛି, ତାକୁ ବିଦାୟ ଦେବାକୁ ହେବ । ଆଉ କିଏ କହୁଛି ମୋ ଶଳା ଆଇ.ଏ.ଏସ. ପାଇଛି । ତାକୁ ଅଭିନନ୍ଦନ କରିବାକୁ ପଡ଼ିବ ଏବଂ ତାକୁ କିଛି ଉପହାର ଦେବାକୁ ପଡ଼ିବ ନିଶ୍ଚୟ । କାହିଁକି ନା ସେ ପରେ ବହୁତ କାମରେ ଆସିବ ।

ଦୁଇ ଚାରିଜଣ ଅତି ନିଜ ଲୋକଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତେ ପ୍ରତାରଣା କରୁଛନ୍ତି । ସେମାନେ ଶବ ପାଖକୁ ଆସିଛନ୍ତି, ଏବଂ ମଶାଣି ଭୂଇଁକୁ ଯାଉଛନ୍ତି ସତ କିନ୍ତୁ ମରିଯାଇଥିବା ଲୋକର ନିଜ ଲୋକଙ୍କ ପାଖରେ ମୁହଁ ଦେଖାଉଛନ୍ତି କାଳେ ସେମାନେ ପରେ କାମରେ ଆସିବେ । ସେମାନେ ସବୁ ଭାବିବେ ଏ ଆସିଥିବା ଲୋକମାନେ ଆମର ପ୍ରକୃତ ନିଜ ଲୋକ । ସେମାନେ କଣ ସତରେ ନିଜ ଲୋକ ? ସେମାନେ ସମସ୍ତେ ସ୍ୱାର୍ଥରେ ଜଡ଼ିତ । ଆମ୍ଭ ମାନଙ୍କର କେହି ବନ୍ଧୁ ଚିରସ୍ଥାୟୀ ନୁହଁ କି କେହି ଶତ୍ରୁ ଚିରସ୍ଥାୟୀ ନୁହଁ । ଚିରସ୍ଥାୟୀ ହେଉଛି କେବଳ ସ୍ୱାର୍ଥ । ଆଜିକାଲି ବହୁଲୋକ ସ୍ୱାର୍ଥପୂର୍ଣ୍ଣ ସାହାଯ୍ୟ ଏବଂ କାପୁରୁଷ କାର୍ଯ୍ୟ କରୁଛନ୍ତି, ଜୀଅନ୍ତା ଶବଟି କିଛି ଦେଖି ପାରୁନାହିଁ ସତ

କିନ୍ତୁ ସେ ସବୁକଥା ଶୁଣୁଛି ଏବଂ ଜାଣୁଛି ଏ ଲୋକମାନେ କେତେ ସ୍ୱାର୍ଥରେ ଜଡ଼ିତ । ସେ ତ ଅଭିନୟ କରୁଛି ଯେ, ସେ ମରିଯାଇଛି । ତାକୁ କୋକେଇରେ ବନ୍ଧା ହୋଇଯାଇଛି । ବର୍ତ୍ତମାନ ସେ ନିରୁପାୟ । ନ ହେଲେ ସେ ସମସ୍ତ ସ୍ୱାର୍ଥପର ଲୋକ ମାନଙ୍କୁ ଠିକ୍ କରିଥାନ୍ତା ସେହି ମଶାଣି ଭୂଇଁରେ । ସେ ମଣିଷଟି ପ୍ରତିଶୋଧ ନେଇ ପାରିଲାନି ସତ କିନ୍ତୁ ତାକୁ ଲୋକ ଚିହ୍ନିବାରେ ସାହାଯ୍ୟ କଲା ଏ ମଶାଣି ଭୂଇଁ ।

# ଗପ ହେଲେ ବି ସତ

ମିହିର ରଂଜନ ପଲାଇ

ଏ କାହାଣୀ ଆଜିକାଲିକା ଇ-ମେଲ କିମ୍ବା ଇଣ୍ଟରନେଟ ଯୁଗର କାହାଣୀ ନୁହେଁ । ଏ ହେଉଛି ସେ ସମୟର ଲୋକକଥା ଯେଉଁ ସମୟରେ ବିଦେଶରେ ଥିବା ପୁଅଟିର ଚିଠିଟିଏ ପାଇବା ପାଇଁ ବାପା ମା ମାନଙ୍କୁ ମାସ ମାସ ଧରି ଅପେକ୍ଷା କରିବାକୁ ପଡୁଥିଲା । ଟେଲିଗ୍ରାମ କିମ୍ବା ଟେଲିଫୋନ୍ କଥାଶୁଣି ଲୋକେ ବିସ୍ମିତ ହେଉଥିବାର ଦିନ । ସ୍ୱାଧିନତା ପରବର୍ତ୍ତୀ କିଛି ବର୍ଷ ପର ସମୟର ଏହି କାହାଣୀ । ଉନବିଂଶ ଶତାବ୍ଦୀର ଲୋକକଥା ହେଉଛି ମୋର ଏଇ କାହାଣୀ ।

ତିରିଶି ପାଖାପାଖି ବୟସ ଜଣା ପଡୁଥିବା ସମ୍ଭ୍ରାନ୍ତ ଯୁବକଙ୍କ ମୁଖ ମଣ୍ଡଳରେ ନିରାଶାର ଚିହ୍ନ । ଓଃ... ସ୍ୟାଟ୍ । ଯୁବକଙ୍କ ମୁଖମଣ୍ଡଳରୁ ଦ୍ରୁତ ଗତିରେ ବାହାରି ଆସିଲା ଏଇ ଅବଶୋଷ ଭରା ଶବ୍ଦ । ପାଖରେ ଥିବା ଡ୍ରାଇଭର ବି ଥିଲା ନାଚାର । ଦୀର୍ଘ ଦିନର ବିଦେଶ ରହଣୀ ପରେ ଘରକୁ ଫେରୁଛନ୍ତି ଯୁବକ ଜଣକ । ଏୟାର ପୋର୍ଟରୁ ଓହ୍ଲାଇ ପରେ ରେଳ ଯୋଗେ ନିଜ ଗାଁ ପାଖ ସହରରେ ପହଞ୍ଚିଛନ୍ତି ସେ । ଷ୍ଟେସନରେ ଅପେକ୍ଷା କରିଥିବା (ବାପାଙ୍କ ଦ୍ୱାରା ପ୍ରେରିତ) କାର ଯୋଗେ ଘରକୁ ଫେରୁଛନ୍ତି ସେ । ଆହୁରି ସତୁରୀ କିମ୍ବା ଅଶି କିଲୋମିଟର ବାଟ ରହିଛି, ସେଥିରେ ଏ ପ୍ରକାରର ଅଘଟଣ ଘଟିବାର ଥିଲା ? ଅତି ପ୍ରବଳ ବେଗରେ ବହୁଥିବା ପବନ ତୁହାକୁ ତୁହା ବର୍ଷା ସାଙ୍ଗରେ

ଏ ଗାଡ଼ିକୁ ବି ଏଇ ସମୟରେ ଖରାପ ହେବାକୁ ଥିଲା ?

ସେ ସମୟରେ ନିଜ ବାପାଙ୍କ ଦ୍ୱାରା ବ୍ୟବହୃତ ଆଭିଜାତ୍ୟପୂର୍ଣ୍ଣ ଏଇ ଆମ୍ବାସାଡ଼ର କାରଟିକୁ ଡ୍ରାଇଭର ନିଜର ସମସ୍ତ ବୁଦ୍ଧିବିଦ୍ୟା ପ୍ରୟୋଗ କରିସୁଦ୍ଧା ଷ୍ଟାର୍ଟ କରି ପାରିନଥିଲା । ଷ୍ଟେସନରୁ ବେଶୀ ଦୂର ସେମାନେ ଯାଇ ନଥିଲେ । ଆଖ ପାଖରେ ଥିବା କେତୋଟି ହୋଟେଲ ବିଷୟରେ ଡ୍ରାଇଭର ଜାଣିଥିଲା । କାରଣ ଅନେକ ଥର ସେ ଷ୍ଟେସନ ଆସିଛି ବଡ଼ବାବୁଙ୍କ ସହିତ, ଏହି ସହରକୁ ।

ରାତି ଧୀରେ ଧୀରେ ବଢ଼ିବାକୁ ଲାଗିଛି । ଅଗତ୍ୟା ଡ୍ରାଇଭରର ପରାମର୍ଶ କ୍ରମେ ପାଖରେ ଥିବା ଏକ ହୋଟେଲରେ ରାତି କଟାଇବାକୁ ପଡ଼ିବ । ଏହାବ୍ୟତୀତ ଅନ୍ୟ କିଛି ଉପାୟ ଦେଖା ଯାଉନଥିଲା । ସୁଶିକ୍ଷିତ, ସମ୍ଭ୍ରାନ୍ତ ଯୁବକ ଜଣକ ଡ୍ରାଇଭରକୁ ଅନୁସରଣ କରି ପହଞ୍ଚିଲେ ନିକଟସ୍ଥ ହୋଟେଲରେ । ଉପର ମହଲାର ଏକ ଛୋଟ ବଖରାଟିଏ ମିଳିଲା ତାଙ୍କୁ ରହିବା ପାଇଁ । ସେଠାରେ ପହଞ୍ଚିଲା ବେଳକୁ ଦୁହେଁ ଭିଜି ସାରିଥିଲେ ସଂପୂର୍ଣ୍ଣ ଆପାଦ-ମସ୍ତକ । ବ୍ୟାଗରୁ ଟାୱେଲ୍ ବାହାର କରି ଦୁହେଁ ପୋଛାପୋଛି ହେଲେ ଏବଂ ଯୁବକ ଜଣକ ନିଜ ନାଇଟ୍ ସୁଟ୍ ବାହାର କରି ପିନ୍ଧି ପକାଇଲେ । ଡ୍ରାଇଭରକୁ ଯେତେ କହିଲେ ବି ସେ ଟାୱେଲ୍‌ଟା ଧରି ଚାଲିଗଲା ତଳମହଲାରେ ପଡ଼ିଥିବା ସୋଫା ଉପରେ ଶୋଇବା ପାଇଁ । ପୂର୍ବରୁ ପରିଚିତ ସେହି ହୋଟେଲ ମାଲିକଙ୍କ ଠାରୁ ବିଶେଷ ଅନୁମତି ପାଇଁ ମଧ୍ୟ ସେ ଆବଶ୍ୟକ ଅନୁଭବ ନ କରି ଟାୱେଲ୍‌ଟା ପିନ୍ଧି ଲୋଟି ପଡ଼ିଲା ସୋଫାସେଟ୍ ଉପରେ । ଉପର ରୁମରେ ନିଜ ଖଟ ଉପରେ ଆରାମରେ ଶୋଇପଡ଼ିଲେ ଯୁବକ ଜଣକ । ପ୍ରଥମତଃ ଭିଜି ଯାଇଥିବାରୁ ଏବଂ ଦ୍ୱିତୀୟତଃ ବାହାରେ ଥଣ୍ଡା ପାଗ ହୋଇଥିବା ଯୋଗୁଁ ଆରାମରେ ଶୋଇପଡ଼ିଲେ ଦୁଇ ଜଣ । ବାହାରେ ଘଡ଼ ଘଡ଼ି ଏବଂ ପ୍ରଚଣ୍ଡ ବର୍ଷାର ଶବ୍ଦ ଥମିନଥିଲା ସେ ଯାଏ ।

ମଧ୍ୟ ରାତ୍ରି ଅତିକ୍ରମ କରିବାକୁ କିଛି ସମୟ ଥାଏ ହୁଏତ । କିଛି ଅଶ୍ୱସ୍ତିକର ଶବ୍ଦରେ ନିଦ୍ରାଭଙ୍ଗ ହେଲା ଯୁବକଙ୍କର । ଘରର ଲାଇଟ ଜାଳି ଚତୁର୍ଦ୍ଦିଗକୁ ନିରିକ୍ଷଣ କଲେ ସେ । କାହିଁ, କିଛି

ନାହିଁ ତ ? କବାଟ ଖୋଲି ଦେଖିଲେ ଡ୍ରାଇଭର ସୋଫା ଉପରେ ଶୋଇଥିଲା ତଳ ମହଲାରେ, ନିଘୋଡ଼ ନିଦରେ । କବାଟ ଦେଇ ପୁଣି ସେ ଫେରି ଆସିଲେ ନିଜ ଶଯ୍ୟା ଉପରକୁ । ପୁଣିଥରେ ଶୋଇବାର ଉପକ୍ରମ କଲେ ସେ । ଛମ୍ ଛମ୍ ଛମ୍ ଛମ୍ ଏଥର ଝରକା ସେପଟରୁ ସ୍ପଷ୍ଟରୂପେ ଶୁଣିପାରିଲେ କାହାର ପାଉଁଜି ପରି ଶୁଭୁଥିବା ଏଇ ଶବ୍ଦକୁ । ଉଠି ବସିପଡ଼ିଲେ ବିଛଣା ଉପରେ ଏବଂ ବିସ୍ମିତ ମନରେ ଉଠିଯାଇ ଖୋଲିଲେ ଝରକାଟିକୁ । କିନ୍ତୁ ଏ କଣ !!! ଝରକା ସେପାଖେ ତ ଘର କିମ୍ବା ଘରର ଛାତ ମଧ୍ୟ ନାହିଁ କେହି ପାଦ ଦେଇ ଚାଲିବା ପାଇଁ । ସେ ଶୂନ୍ୟ ଉପରେ ପାଉଁଜି ଶବ୍ଦ ଆସିଲା କେଉଁଠୁ ? ହୁଏତ ଏହା କୌଣସି କୀଟପତଙ୍ଗର ଶବ୍ଦ ହୋଇଥିବ । ଏହିପରି ଦ୍ୱିଧାଗ୍ରସ୍ତ ଭାବନା ମଧ୍ୟରେ ଝରକାଟିକୁ ବନ୍ଦ କରି ପୁଣି ନିଜ ଖଟ ଉପରକୁ ଫେରି ଆସିଲେ ଯୁବକ ଜଣକ । କିଛି ସମୟର ନୀରବତା ଛାଇଗଲା ପୁଣି ସେଠାରେ । ପରେ ପରେ ପୁଣି ସେଇଭଳି ଶବ୍ଦ ଶୁଣାଗଲା ଘରର ଅନ୍ୟପଟେ ଥିବା କାଛ ଗୁଡ଼ିକର ପଛପଟରୁ । ଯେମିତି କେହି ଜଣେ ପାଉଁଜି ପିନ୍ଧି ଘୁରିବୁଲୁଛି ଘର ଚାରିପାଖରେ । ବିଦେଶରେ ରହିଥିବା ଓ ବୈଜ୍ଞାନିକ ଚିନ୍ତାଧାରାରେ ଅନୁପ୍ରାଣିତ ଯୁବକଙ୍କ ମନରେ କିନ୍ତୁ ଏହା କୌଣସି ଭାବାନ୍ତର ସୃଷ୍ଟି କରି ପାରିନଥିଲା । ସେ ଏହାକୁ କୌଣସି ପକ୍ଷୀ କିମ୍ବା କୀଟପତଙ୍ଗର ଶବ୍ଦ ବୋଲି ଦୃଢ଼ ନିଶ୍ଚିତ ହୋଇ ଯାଇଥିଲେ ଏବଂ ଚେଷ୍ଟା କରୁଥିଲେ ଆଉ କିଛି ସମୟ ଟିକେ ଶାନ୍ତିରେ ଶୋଇଯିବା ପାଇଁ ।



ହଠାତ୍ ଯୁବକଙ୍କ ଚିତ୍କାର ଶୁଣି ଉଠିପଡ଼ି ଡ୍ରାଇଭର ଦୌଡ଼ିଗଲା ଉପର ମହଲାର ସେଇ ପ୍ରକୋଷ୍ଠ ଭିତରକୁ । ନିକଟସ୍ଥ ପ୍ରକୋଷ୍ଠରେ ଥିବା ଏକ ଦଂପତି ଏବଂ ହୋଟେଲ ମାଲିକ ମଧ୍ୟ ଚାଲି ଆସିଲେ ଉପରକୁ

ସେ ଚିତ୍କାର ଶୁଣି । ଘରଭିତରେ କୌଣସି ଏକ ନାରୀର ଛାୟା ମୂର୍ତ୍ତିକୁ ଦେଖି ଚିତ୍କାର କରି ଉଠିଥିଲେ ଯୁବକ ଜଣକ । ଭୂତ-ପ୍ରେତରେ ଅବିଶ୍ୱାସ କରୁଥିବା ଯୁବକଙ୍କର ସବୁ ସମୀକରଣ ଯେମିତି ଭୁଲ ପ୍ରମାଣିତ ହୋଇ ଯାଇଥିଲା । ସେ ଭାବି ପାରୁନଥିଲେ କି ସେ ଯାହା ସବୁ ଦେଖିଲେ ତାହା ସତ ନା ତାଙ୍କ ମନର ଭ୍ରମ ନା ସ୍ୱପ୍ନ ଥିଲା ? ଅଥଚ ଏତେ ଜୋରରେ ସେ ଚିତ୍କାର କରି ଉଠିଲେ । ସାରା ଶରୀର ଆପାଦ-ମସ୍ତକ ପ୍ରକଂପିତ ହେଇ ଉଠୁଥିଲା ତାଙ୍କର ।

ତାଙ୍କରା ପ୍ରତିଟି ଲୋମକୂପ ଟାଙ୍କୁରି ଉଠୁଥିଲା ଏକ ଆଶଙ୍କିତ ଅବସ୍ଥାରେ ଧିରେ ଧିରେ ତାଙ୍କ ମନ ଦୃଢ଼ ନିଶ୍ଚିତ ହେଉଥିଲା । ଯେ ସେ ଯାହା ଦେଖୁଛନ୍ତି ଠିକ୍ ଦେଖୁଛନ୍ତି । ଅର୍ଦ୍ଧ ନିଦ୍ରିତ ଅବସ୍ଥାରେ କେହି ଜଣେ ନାରୀଟିଏ ଭଳି ଦିଶୁଥିବା ଛାୟାମୂର୍ତ୍ତିଟିଏ ତାଙ୍କର ଠିକ୍ ମୁଣ୍ଡ ପାଖରେ ଛିଡ଼ା ହୋଇଥିଲା । ସେ ଠିକ୍ ଭାବେ ଶୁଣି ପାରୁଥିଲେ ତାର କ୍ରନ୍ଦନର ସ୍ୱର । ଲାଗୁଥିଲା ଯେମିତି ସେ କିଛି କହିବାକୁ ଚାହୁଁଥିଲା ତାଙ୍କୁ । କିନ୍ତୁ ତାଙ୍କର ହଠାତ୍ ଚିତ୍କାର କରି ଉଠିବା ଯୋଗୁଁ ସେ ଅନ୍ତର୍ଦ୍ଧାନ ହୋଇଗଲା । କେଉଁଆଡ଼େ । ଆଶ୍ଚର୍ଯ୍ୟ ଓ ବିସ୍ମୟରେ ଦୋଦୁଲ୍ୟମାନ ହୋଇ ଉଠୁଥିଲା ଯୁବକଙ୍କ ମନ । ଏପରି ହେବାରେ ମଧ୍ୟ କୌଣସି ଅସ୍ୱାଭାବିକତା ନାହିଁ କାରଣ ନିଜ ଜୀବନରେ



କେବେ ମଧ୍ୟ ଏଭଳି ଅଲୌକିକ ଘଟଣା ସେ ଦେଖିନଥିଲେ । ଅନେକ ଥର ଟିଭି, ନ୍ୟୁଜ୍ ପେପରରେ ଦେଖିଛନ୍ତି ଓ ଶୁଣିଛନ୍ତି ବିଭିନ୍ନ ଭୂତ ପ୍ରେତର କାହାଣୀମାନ । କିନ୍ତୁ ତାଙ୍କର ବୈଜ୍ଞାନିକ ଚିନ୍ତାଧାରାରେ ଉର୍ବର ମସ୍ତିଷ୍କ ଗ୍ରହଣ କରିପାରିନି ସେଗୁଡ଼ିକୁ । ଭୂତପ୍ରେତ, ଅଶରୀରି ଆତ୍ମା, ପ୍ରେତାତ୍ମା ଏଗୁଡ଼ିକ ତାଙ୍କ ପାଇଁ ଏକ କାଳ୍ପନିକ କାହାଣୀ ବ୍ୟତୀତ ଅନ୍ୟକିଛି ନୁହେଁ । ଆଜିକିନ୍ତୁ ଏ ଘଟଣା ଘଟି ଯିବାପରେ ତାଙ୍କ ବୈଜ୍ଞାନିକ ଚିନ୍ତାଧାରା ଯେମିତି ନିଜ ପାଖରେ ହାର ମାନିଯାଉଛି । ତାଙ୍କ ମନରେ ଏକ ନିଭୃତ କୋଣରୁ ଯେମିତି ଏକ ନିରବ ସ୍ୱର କେହି କହି ଉଠୁଚି, ହଁ ସେ ଠିକ୍ ଦେଖିଛନ୍ତି ଏକ ଅଶରୀରି ଆତ୍ମାକୁ । ଭୂତ-ପ୍ରେତ, ପ୍ରେତାତ୍ମା ମିଥ୍ୟା ନୁହେଁ, ମିଥ୍ୟା ନୁହେଁ ।

ହଠାତ୍ ନିଜ ପିଠି ଉପରେ କାହାର ହାତସ୍ପର୍ଶରେ ଚମକି ପଡ଼ିଲେ ସେ, ଦେଖିଲେ ପାଖରେ ବସିଥିଲା ଡ୍ରାଇଭର, ସ୍ୱାନ୍ତନା ଦେଇ ଜାଣିବାକୁ ଚାହୁଁଥିଲା ତା ଚିତ୍କାରର କାରଣ । ପାଖରେ ଠିଆ ହୋଇଥିଲେ ହୋଟେଲ ମାଲିକ ଏବଂ ପାଖ ରୁମରେ ରହୁଥିବା ନବବିବାହିତ ଦଂପତି । ଯୁବକ ଜଣକ ନିଜ ଅନୁଭୂତି ଓ ଅନୁଭବକୁ ବର୍ଣ୍ଣନା କରି ନିଜକୁ କିଛିଟା ହାଲକା କରିନେବାକୁ ଚାହୁଁଥିଲେ । ଘଟଣାଟିକୁ ଶୁଣିବାପରେ ଡ୍ରାଇଭର ଓ ନବଦଂପତିଙ୍କ ମୁଖମଣ୍ଡଳରେ ଆଶଙ୍କା ସ୍ପଷ୍ଟ ବାରି ହେଉଥିଲା । ହୋଟେଲ ମାଲିକ କିନ୍ତୁ ହୋଇ ପଡୁଥିଲେ ଆହୁରି ଭାବ ଗମ୍ଭୀର ଓ ଦାର୍ଶନିକ ଭଙ୍ଗୀରେ ଭାବିଚାଲିଥିଲେ କିଛି କଥା । କିଛି ସମୟର ନିରବତା ଛାଇଗଲା ସେହି ପ୍ରକୋଷ୍ଠ ଭିତରେ ।

ସେହି ନିରବତାର ଏକ ପୂର୍ଣ୍ଣଛେଦ ଟାଣିବାକୁ ଚେଷ୍ଟା କରୁଥିଲେ ହୋଟେଲ୍ ମାଲିକ । ଯୁବକଙ୍କ ମନରୁ ଆଶଙ୍କାକୁ ଦୂର କରି, ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିବାକୁ ଚାହୁଁଥିଲେ ସେ ।

-ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ ସଂଜୟ ବାବୁ । ଆପଣ ଦେଖିଥିବା ଦୃଶ୍ୟ ଆଦୌ ମିଥ୍ୟା ନୁହେଁ । ରାତିରେ ପାଉଁଜିର ସ୍ୱର କେବଳ ମୋ ହୋଟେଲ ନୁହଁ ଆଖପାଖରେ ବହୁତ ଲୋକ ଶୁଣିଛନ୍ତି ଏବଂ ଦୁଃଖରେ କାନ୍ଦୁଥିବା ଏଇ ଅଶରୀରି ଆତ୍ମାକୁ ମଧ୍ୟ ପ୍ରତ୍ୟକ୍ଷରେ ଦେଖିଛନ୍ତି । ତେବେ ସେ ଆତ୍ମା କେବେ କାହାର କ୍ଷତି କରିଥିବାର ଶୁଣାଯାଇ ନାହିଁ ।

-ତେବେ ଏ ସହରର ପ୍ରାୟ ସମସ୍ତେ ଜାଣନ୍ତି ସେ ଆତ୍ମାର ଅତୀତକୁ । ତେଣୁ ଆମ ମାନଙ୍କ ପାଇଁ ଏହା ଏକ ଦେହସୁହା କଥା ହୋଇଗଲାଣି ।

-ଜାଣନ୍ତି ! ମାନେ ? ଆଶ୍ଚର୍ଯ୍ୟ ଢ଼ଙ୍ଗରେ ପଚାରିଲେ ଯୁବକ ଜଣକ । ଆଶ୍ଚର୍ଯ୍ୟ ହେଲେ ସେଠାରେ ଉପସ୍ଥିତ ଥିବା ଅନ୍ୟମାନେ ।

ସମସ୍ତଙ୍କ ମନର ଉତ୍କଣ୍ଠାକୁ ଦୂର କରିବାକୁ ହୋଟେଲ ମାଲିକ ଆରମ୍ଭ କଲେ ନିଜ ପ୍ରତ୍ୟକ୍ଷଦର୍ଶୀ ଅତୀତର ସେଇ ଦୁଃଖଦ କାହାଣୀଟିକୁ ।

- ଆଜିଠୁ ପାଞ୍ଚ-ଛଅ ବର୍ଷ ତଳର କଥା । ଷ୍ଟେସନ ପାଖର ଏକ ପରିତ୍ୟକ୍ତ ସ୍ଥାନରୁ ଦିନେ ସକାଳୁ ସକାଳୁ ଏକ ଦୁଃସମ୍ବାଦରେ ଲୋକାରଣ୍ୟ ହୋଇ ଉଠିଥିଲା ସେହି ସ୍ଥାନଟି । ମୁଁ ନିଜେ ମଧ୍ୟ ପ୍ରତ୍ୟକ୍ଷଦର୍ଶୀ ଥିଲି ସେହି ଘଟଣାର । ବୋଧହୁଏ ସେ ଝିଅଟିକୁ କୋଡ଼ିଏ ବାଇଶି ବର୍ଷ ହେବ, ଦେଖିବା କୁ ବହୁତ ସୁନ୍ଦର ଥିଲା । କିନ୍ତୁ ବୋଧହୁଏ ସେହି ସୁନ୍ଦର ଚେହେରା ତା ପାଇଁ ଅଭିଶାପ ହୋଇ ଯାଇ ଥିଲା । ପୂର୍ବ ରାତିରେ ତା ନିଃସଙ୍ଗତାର ସୁଯୋଗ ନେଇଥିଲେ କିଛି ଅସାମାଜିକ, ଅପସଂସ୍କୃତ ଯୁବକ । ଗଣ ବଳାତ୍କାରର ଶୀକାର ହୋଇ ସଂଜ୍ଞାହୀନ ଅବସ୍ଥାରେ ଲୋଟି ପଡ଼ିଥିଲା ତାର ଶରୀରଟି ସେଇ ପରିତ୍ୟକ୍ତ ଜାଗାରେ । ଷ୍ଟେସନର ଏତେ ନିକଟରେ ଏଭଳି ଘଟଣାଟି ଘଟିଗଲା ପୋଲିସର ଅଗୋଚରରେ । ସେ ଝିଅଟିର ସେ କୋମଳ, ନିଷ୍ପାପ ଶରୀରଟି ଉପରେ ହୋଇଥିବା ଏ ଅମାନବୀୟ କାଣ୍ଡକୁ ଦେଖି ଉତ୍ୟକ୍ତ ହୋଇ ପଡ଼ିଥିଲେ ଉପସ୍ଥିତ ଜନତା । ନିଆଁ ପରି ଏ ଖବର ବ୍ୟାପୀଗଲା ସକାଳୁ ସକାଳୁ ସହରର ଚତୁର୍ଦ୍ଦିଗରେ । ଧିରେ ଧିରେ ଉଗ୍ର ହୋଇ ଉଠୁଥିବା ଜନତାକୁ ନିୟନ୍ତ୍ରିତ କରିବାକୁ ଲାଠିଚାର୍ଜ କରିବାକୁ ପଡ଼ିଥିଲା ପୋଲିସକୁ । ସେଇ ସଂଜ୍ଞାହୀନ ଅବସ୍ଥାରେ ତାକୁ ଉଦ୍ଧାର କରି ପୋଲିସ ଭର୍ତ୍ତି କଲେ ସିଟି ହସ୍‌ପିଟାଲରେ । କିନ୍ତୁ ନିଜର ସଂଜ୍ଞା ଫେରିପାଇବା ବେଳକୁ ଝିଅଟି ହରାଇ ସାରିଥିଲା ମାନସିକ ଭାରସାମ୍ୟ ।

କିଛି କହିପାରୁନଥିଲା ସେ ନିଜ ବିଷୟରେ କିମ୍ବା ନିଜ ଘର ବିଷୟରେ । କିନ୍ତୁ ସେ ଝିଅର ମାର୍ଜିତ ସ୍ୱଭାବରେ ମୁଗ୍ଧ ହୋଇ ସିଟି ହସ୍‌ପିଟାଲର ଡ଼ାକ୍ତର ରୂପା ମହାନ୍ତି ତାକୁ ନିଜ ତତ୍ତ୍ୱାବଧାନରେ ରଖିଲେ ନିଜ ଘରେ ପୋଲିସର ପରମିସନ୍ ନେଇ । ପୋଲିସ ମଧ୍ୟ ଝିଅଟିର ଠିକଣା ଖୋଜିବା ପାଇଁ ଚେଷ୍ଟା ଚଳାଇଥିଲା । କିନ୍ତୁ କଣ କରିବା, କପାଳ ଲିଖନ, କେ କରିବ ଆନ । ସେ ଝିଅଟିର ଭାଗ୍ୟରେ ବୋଧ ହୁଏ ତାହା ହିଁ ଲେଖାଥିଲା ।

କିଛି ସମୟ ପାଇଁ ଉଦାସ ଓ ନୀରବ ହୋଇଗଲା ହୋଟେଲ ମାଲିକଙ୍କ ସ୍ୱର । କିନ୍ତୁ ସଞ୍ଜୟ ବାବୁଙ୍କ ଉତ୍କଣ୍ଠା ବେଶ୍ ବଢ଼ିଯାଇଥିଲା ସେ କାହାଣୀଟିକୁ ସଂପୂର୍ଣ୍ଣ ଶୁଣିବା ପାଇଁ । ନିଜର ଉତ୍କଣ୍ଠାକୁ ପ୍ରକାଶ କରି ସେ ପଚାରି ଉଠିଲେ ;

– କଣ ହେଲା ତା ପରେ ସେ ଝିଅଟିର ?

କିଛି ସମୟ ପାଇଁ ଅତୀତକୁ ଫେରି ଯାଇଥିବା ହୋଟେଲ ମାଲିକ ସପ୍ରତିଭ ହୋଇ ପୁଣି ଆରମ୍ଭ କଲେ ଏକ ନିରସ ଭାବଭଙ୍ଗୀରେ ସେ କାହାଣୀର ଶେଷ ପର୍ଯ୍ୟାୟଟିକୁ ।

–ଶାରୀରିକ ଭାବେ ସୁସ୍ଥ ଥିବା ଝିଅଟି କିନ୍ତୁ ଦିନକୁ ଦିନ ମାନସିକ ଭାବେ ଭାଙ୍ଗି ପଡୁଥିଲା । କେବେ କେବେ ଡ଼ାକ୍ତର ଘରେ ନଥିବା ବେଳେ ସେ ବାହାରକୁ ଚାଲି ଆସୁଥିଲା । ତାକୁ ଦେଖିଲେ ଲାଗୁଥିଲା ଯେମିତି ସେ କାହାକୁ ଖୋଜିବୁଲୁଛି । କିନ୍ତୁ ନିଜର ମାନସିକ ଭାରସାମ୍ୟ ହରାଇଥିବାରୁ କାହାରିକୁ କିଛି କହି ପାରୁନଥିଲା । ମୁଁ ନିଜେ ମଧ୍ୟ କେତେଥର ସେ ଝିଅକୁ ଦେଖିଛି ଏକା ଏକା ରାସ୍ତା କଡ଼ରେ ବୁଲୁଥିବାର । ସେଇ ଉଦାର ହୃଦୟ ଡ଼ାକ୍ତର ନିଜେ ତାକୁ ଖୋଜି ଖୋଜି ସାଙ୍ଗରେ ଘରକୁ ନିଅନ୍ତି ନିଜ ଗାଡ଼ିରେ ବସାଇ ଅନେକଥର । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଥିଲା ତାର ସେଇ ପାଉଁଜି ଦୁଇଟି । ଯାହାକୁ ସେ ଝିଅ କେବେ ବି ନିଜଠାରୁ ଅଲଗା କରୁନଥିଲା ବୋଲି ଶୁଣିବାକୁ ମିଳୁଥିଲା । କେବେ କେବେ ସେ ପାଦରେ ପିନ୍ଧି ବୁଲୁଥିଲା ତ ପୁଣି ମନ ହେଲେ ପାଦରୁ


ଓହ୍ଲାଇ ହାତରେ ଧରି ଚାହୁଁଥିଲା ସେ ପାଉଁଜିକୁ ଏକଲୟରେ । ଅନେକଥର ଲୋକେ ସେଇ ପାଉଁଜି ଯୋଗୁଁ ତାକୁ ଚିହ୍ନି ପାରୁଥିଲେ ଓ ତାକୁ ନେଇ ସେଇ ଡ଼ାକ୍ତରଙ୍କ ଘରେ ଛାଡ଼ି ଆସୁଥିଲେ ।

ସଞ୍ଜୟ ବାବୁଙ୍କ ଭାବଗମ୍ଭୀର କଣ୍ଠରୁ ସ୍ୱତଃ ପ୍ରବୃତ୍ତ ଭାବରେ ବାହାରି ଆସିଲା - ପାଉଁଜି !

ହୋଟେଲ ମାଲିକ ତାଙ୍କ କଥାର ଧାରା ବଜାୟ ରଖି ପୁଣି କହିଚାଲିଲେ -

- ହଁ, ପାଉଁଜି । ସେଇ ପାଉଁଜିକୁ ଆଧାର କରି ପୋଲିସ ଜାଣିବାକୁ ସକ୍ଷମ ହେଲା ତାର ଘର ଓ ଠିକଣା ବିଷୟରେ । ସେ ପାଉଁଜିରେ ଥିବା ଟ୍ରେଡ଼୍ ମାର୍କରୁ ଦୋକାନଗୁଡ଼ିକ ବିଷୟରେ ଅନୁସନ୍ଧାନ କରି ପୋଲିସ ଜାଣି ପାରିଥିଲା ସେ ପାଉଁଜି କିଣା ଯାଇଥିବା ଗହଣା ଦୋକାନ ବିଷୟରେ । ଅବଶ୍ୟ ସେତେବେଳକୁ ଝିଅର ଘର ଲୋକେ ତାଙ୍କ ନିକଟସ୍ଥ ପୋଲିସ ଷ୍ଟେସନରେ ଝିଅ ନିଖୋଜ ହେବାର ସୂଚନା ଦେଇ ସାରିଥିଲେ । ଏହିପରି ବିଭିନ୍ନ ସୂତ୍ରକୁ ଆଧାର କରି ପୋଲିସ ଝିଅଟିର ଠିକଣା ଖୋଜିବାରେ ସକ୍ଷମ ହୋଇଥିଲେ । ଏବଂ ସେ ଝିଅ ନିଜ ଇଚ୍ଛାରେ ଘର ଛାଡ଼ି ଚାଲି ଆସିଥିବା କଥା ଜଣା ପଡ଼ିଥିଲା । ଧିରେ ଧିରେ ଏ ତଥ୍ୟ ମଧ୍ୟ ଉନ୍ମୋଚନ ହେଲା ଯେ, ପ୍ରେମ ବ୍ୟାପାରକୁ କେନ୍ଦ୍ର କରି ଝିଅଟି ଘର ଛାଡ଼ି ଚାଲି ଆସିଥିଲା । କାରଣ ସେ ନିଜ ସ୍କୁଲ ଜୀବନରୁ ଯେଉଁ ପୁଅଟିକୁ ଭଲ ପାଉଥିଲା, ସେ ଚାଲିଯାଇଥିଲା ବହୁ ଦୂରକୁ ପାଠ ପଢ଼ା ଉଦ୍ଦେଶ୍ୟରେ । ଏପଟେ ସେ ଝିଅର ବାପା ମା ତା ଭଲ ପାଇବାକୁ ସ୍ୱୀକୃତି ଦେବାକୁ ରାଜି ହେଉନଥିଲେ, ଏବଂ ଝିଅଟିର ବିବାହ ନିଜ ଜାତିରେ ଅନ୍ୟତ୍ର ଠିକ କରିଦେଇଥିଲେ । କିନ୍ତୁ ଝିଅଟି ନିଜ ପ୍ରେମିକକୁ ଭୁଲି ନଥିଲା, ପ୍ରେମିକର ବିବାହ ପାଇଁ ଦେଇଥିବା ପ୍ରତିଶ୍ରୁତି ଓ ପାଉଁଜିକୁ  ଶ୍ରେୟ କରି ନିଜ ଘର ଛାଡ଼ି ଚାଲି ଆସିଥିଲା । ନିଜ ପ୍ରେମିକ ବିନା ଅନ୍ୟ କାହାର ହାତ ଧରିବ ନାହିଁ ବରଂ ମରିଯିବ ବୋଲି ସେ ଭାବି ଘର ଛାଡ଼ି ଆସିଥିଲା । ହେଲେ ହତଭାଗିନୀ ଭାଗ୍ୟରେ ଏତେ ଦୁଃଖ ଦୁର୍ଦ୍ଦଶା ଲେଖାଥିଲା ।

ଝିଅର ଠିକଣା ପାଇବା ପରେ ତା ବାପାମା ଆସିଥିଲେ ତାକୁ ଫେରାଇ ନେବାପାଇଁ ହେଲେ



Jagyanseni Das, Code : 276

ଝିଅ ସହିତ ହୋଇଥିବା ସାମୂହିକ ବଳାତ୍କାର କଥା ଶୁଣିବା ପରେ ନିଜ ନିଷ୍ପତ୍ତି ପରିବର୍ତ୍ତନ କରି ଦେଇଥିଲେ । ଲୋକଲଜ୍ଜା ଓ ସମାଜର ଭୟରେ ସେମାନେ ଝିଅକୁ ତ୍ୟାଗ କରିଦେଲେ । ଝିଅର କିନ୍ତୁ ନିଜ ପିତାମାତାଙ୍କୁ ଦେଖି ସ୍ମରଣ ଶକ୍ତି ଫେରି ପାଇଥିଲା, ହେଲେ ପିତା ମାତାଙ୍କ ହତାଦରରେ ଭାଙ୍ଗି ପଡ଼ିଥିଲା ସେ । ନିଜ ପିତା ପରିଜନଙ୍କୁ ଲୋକଲଜ୍ଜାରୁ ରକ୍ଷା କରିବାକୁ ଚାହୁଁଥିଲା ସେ, ଅଥଚ ନିଜ ପ୍ରେମିକକୁ ଭୁଲି ପାରିନଥିଲା, ଦୁଃଖର ପାହାଡ଼ ତା ଉପରେ ଏମିତି ପଡ଼ିଲା ଯେ ସେ ନିର୍ବାକ ନିଜ ଆତ୍ମହୁତି ଦେବାର ସିଦ୍ଧାନ୍ତ ନେଇଥିଲା । ସମସ୍ତଙ୍କ ଅଜାଣତରେ ଟ୍ରେନ୍ ଚକତଳେ ମଥା ଦେଇଥିଲା ସେଇ ନିରୀହ –ନିଷ୍ପାପ ଝିଅଟି ।

ଆଶ୍ଚର୍ଯ୍ୟର କଥା ଟ୍ରେନଲାଇନରୁ ତାର ଖଣ୍ଡ ବିଖଣ୍ଡିତ ଶରୀରକୁ ଉଦ୍ଧାର କଲାବେଳେ ତା ହାତମୁଠାରେ ସେଇମିତି ଥିଲା ତା ପାଉଁଜି ହଳକ । ମରିଗଲା ପରେ ବି ସେ ସେମିତି ଦୃଢ଼ ଭାବରେ ନିଜ ପ୍ରେମର ନିଶାଣକୁ ଜାବୁଡ଼ି ଧରିଥିଲା । ତା କଟା ହାତରେ ଲେଖା ହେଇଥିଲା ଚିତା କୁଟେଇ ତା ପ୍ରେମିକର ନାଁ ସଞ୍ଜୁ ।

ହୋଟେଲ ମାଲିକଙ୍କ ନଜର ହଠାତ୍ ପଡ଼ିଗଲା ସଂଜୟ ବାବୁଙ୍କ ଅଶ୍ରୁ ବିଜଡ଼ିତ ମୁହଁ ଉପରେ ଏବଂ ହଠାତ୍ ସେ ଏକ କରୁଣ ସ୍ୱରରେ ଚିତ୍କାର କରି ଉଠିଲେ – ମୁଁ ସେଇ ହତଭାଗା ସଞ୍ଜୁ । ସଞ୍ଜୟ ରାଉତରାୟ ।

ଚମକି ପଡ଼ି ଠିଆ ହୋଇପଡ଼ିଥିଲେ ଡ୍ରାଇଭର ଓ ହୋଟେଲ ମାଲିକ ।



# କ୍ଷୁଧା

ନିରୁପମା ମହାନ୍ତି

ଭୁବନ ଗାଁ ମୁଣ୍ଡ ବୁଢ଼ା ବରଗଛ ତଳ ଚଉତରାରେ ବସିଛନ୍ତି କେତୋଟି ଅଧ ପାଠୁଆ ଯୁବକ । ସବୁଦିନ ବିଲ କାମ ସାରି ମଧ୍ୟାହ୍ନ ଭୋଜନ ପରେ ଗୁଲି ଖଟି ଚାଲେ ଏଠାରେ ।

ମକରା – ଆରେ ଭାଇ କ୍ଷୁଧା ଗୋଟିଏ ଏମିତି ବେମାରି, ଜୀବନକୁ ତଳିତିଳାନ୍ତ କରିଦିଏ ।

ଚଗଲା – ହଁ ରେ କେତେବେଳେ କେତେ ରୂପରେ ଆସେ ଜାଣି ହୁଏନା । ଆମ ସାହି ସଉରୀ ପଧାନ କଥା ଦେଖୁନୁ ... ଆଠ ବରଷ ହେଲାଣି ଜମିଜମା ବିକି ମକଦ୍ଦମା ଲଢୁଚି, ଫଇସଲାର ନାଁ ଗନ୍ଧ ନାହିଁ, ଅର୍ଥର କ୍ଷୁଧା ଓକିଲ, ମହକିଲ, ଅଫିସର ଆଉ ପୋଲିସକୁ ଏମିତି ଘାରିଚି ଯେ ପଇସା ବଳରେ ଦୋଷୀ ନିର୍ଦ୍ଦୋଷରେ ଖଲାସ ହେଇ ଯାଉଚି ।

ଭୀମା – ସେ କଥା ଛାଡ଼େ ମ, ଏମେଲେ ଗୁଡା ପରା ଶାସନ କ୍ଷୁଧାରେ ପାଗଳ ହେଇ ଦଳବଦଳ କରୁଛନ୍ତି , ରାତାରାତି ନୋଟ ଦେଇ ମୁରୁଖ ଗୁଡ଼ାକ ଶାସନ ଗାଦିରେ ବସୁଚନ୍ତି ।

ଚେମା – କିନ୍ତୁ ସବୁଠୁ କଷ୍ଟ ପେଟର କ୍ଷୁଧା । ସନ୍ତାନର ମୋହ ଭୁଲେଇ ଦିଏ । କେତୋଟା ଟଙ୍କାରେ ବିକି ଦିଏ ମା ଛୁଆଙ୍କୁ । ଆଉ ନାଁ କମେଇବା କୁ ସେବା ସଂସ୍ଥା ସାମ୍ବାଦିକ ପହଞ୍ଚିଯାନ୍ତି । ଫୋଟୋ ଆଉ ଖବର ଛପେଇ ଦେଇ ବାହାବା ନିଅନ୍ତି । କିନ୍ତୁ ଏହାର ସମାଧାନ ହେଉନି ଏ ଯାଏଁ ।

ରାଧୁଆ ଦୀର୍ଘ ନିଃଶ୍ୱାସଟେ ପକେଇ କହିଲା – ଶରୀର ଲାଳସା ମେଣ୍ଟେଇବାକୁ କେତେଟା ନୃଶଂସ ନାବାଳିକାକୁ ବି ଛାଡୁ ନାହାନ୍ତି । ପ୍ରତିଦିନ କୋଉଠି ନା କୋଉଠି ଏମିତି ପାଶବିକ ଘଟଣା ଘଟିଚାଲିଛି । ସରକାରଙ୍କର ଏଥିକୁ ନିଘା ନାହିଁ ଏମିତି ଦଣ୍ଡ ଦିଅନ୍ତେ ଯାହା ଫଳରେ ଲୋକେ ଏପରି ଜଘନ୍ୟ

କାର୍ଯ୍ୟ କରିବାକୁ ଭୟ କରନ୍ତେ ।

ଧର୍ମ ନାଁ ରେ ପରା ଦେହ ଧନ୍ଦା କରୁଛନ୍ତି ଭଣ୍ଡ ବାବା ଗୁଡ଼ାକ । ଆମ ଗାଁ ଶୁଳି ଭାଉଜ ଏମିତି ଏକ ବାବା ହାବୁଡ଼ରେ ପଡ଼ି ଯାଇଥିଲା, ତା ଧର୍ମ ବଳରୁ ଖସି ଆସିଲା ସିନା – କହିଲା ନିଧିଆ ।

ସୁରିଆ – ନିରକ୍ଷରତା ଦୂର କରିବା ନାଁ ରେ ଗଣ୍ଡା ଗଣ୍ଡା ସ୍କୁଲ୍, କାଲେଜ ଗଢ଼ି ଉଠୁଚି, ନାଁ କମେଇବା କ୍ଷୁଧାରେ ଗୁଡ଼ାଏ ସେବା ସଂସ୍ଥା କୁ ଜନ୍ମ ଦେଇ ଚାଲିଛି, ଯିଏ କିଛି ଭଲ କରିବାକୁ ଚାହିଁବ ସେ ମଲା ଜାଣ, ସବୁ ଦେଖୁଥାଅ ଶୁଣୁଥାଅ ହେଲେ ପାଟି ଖୋଲନି, ଗାନ୍ଧିଜୀଙ୍କର ତିନି ମାଙ୍କଡ଼ଙ୍କ ପରି ।

ଧଇଁ ସଇଁ ହୋଇ ଭୀମା ପୁଅ ଆସି ପହଞ୍ଚିଲା, ବାପା ବାପା ସୁରୀ ଦାଦା ବିଲରେ ମରିକି ପଡିଚି । ସମସ୍ତେ ପରସ୍ପର ମୁହଁକୁ ଚାହିଁ ରହିଲେ, ନଇତୁଠରୁ ଫେରୁଥିଲା ବିମଳି ଖୁଡ଼ୀ (ଗାଁର ସବୁଠୁ ବୟସ୍କା)··· ଆରେ ବଇଚ କଣ ? ଯାଉନ ସୁରୀ ଘରକୁ, ସଂସାର ଭାସିଗଲା ତାର· · ଖାଇବାକୁ ମୁଠାଏ ପାଇବେନି ତା ପିଲାଏ ।

ଏମିତି କେତେ ସୁରୀ ପଧାନ ଅକାଳରେ ଆଖି ବୁଝିଚନ୍ତି ତାର ହିସାବ ନାହିଁ ।

କ୍ଷୁଧାର ଅଗ୍ନି ଗ୍ରାସ କରି ଚାଲିଚି ହୁ ହୁ ହୋଇ ଗାଁ, ସହର, ଦେଶ ଆଉ ବିଦେଶରେ ।

ସମାଜରେ ଶାନ୍ତିର ଚିହ୍ନବର୍ଣ୍ଣ ନାହିଁ ।



# ଆମ ଗାଁ ହାଲଚାଲ୍

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ



ସଂଜ ସାତଟା ହେବ ପରା । ଗାଁ ପ୍ରାୟ ପ୍ରାୟ ଶୂନଶାନ ହେଇଗଲାଣି । ଗତକାଲି ସଂଧ୍ୟାରେ ଗାଁର ପରିବେଶ ଟିକେ ଉତ୍ତପ୍ତ ଥିଲା, ହେଲେ ଆଜି ମାମଲା ଥଣ୍ଡା ପଡ଼ିଯାଇଛି । କୋଠଘର କୀର୍ତ୍ତନଘରେ ମୃଦଙ୍ଗ ଆଉ ଗିନି ରଖିଦେଇ ଘରକୁ ବାହାରୁଥିବା ଯୁବକ ଦଳ କିଛି ସମୟ ସେଇଠି ବସି ପଡିଲେ । ବଳିଆ କହିଲା, - ଯାହା ହେଲା କିଛି ଠିକ୍ ହେଲାନି । ଆମ ଗାଁରେ ଏମିତି କେବେ ହେଇନଥିଲା । ରାଜୁ କହିଲା - କିଏ ଜାଣିଛି ? ହେଲେ ଏମିତିକା ଘଟଣା ଆମେ ଦେଖିନଥିଲେ କେବେ ।

ସବୁ ମୁଣ୍ଡ ହଲାଇ ସମର୍ଥନ କରୁଥିଲେ । କୋଠଘର ଦୁଆରେ ବସିଥିଲା ହରିଆନ୍ନା ଆଖିରୁ ଲୁହ ଝରି ପଡ଼ିଲା, ବଳିଆ କହିଲା - କକା, ତୁ କାହିଁକି ମନ ଦୁଃଖ କରୁଛୁ, ଯିଏ ଅନ୍ୟାୟ କରିବ ସିଏ ନିଶ୍ଚେ ତା ଫଳ ପାଇବ । ସବୁ ତାକୁ ବୁଝାବୁଝି କରି ନିଜ ନିଜ ଘରକୁ ଗଲେ ।

ସକାଳ ହେଇନଥିଲା, ଆକାଶରେ ସୂର୍ଯ୍ୟ ଉଇଁନଥିଲା, ହରିକକା ଘର ଭିତରୁ ଚିତ୍କାର କରି ଧାଇଁ ଆସିଲା, ଦାଣ୍ଡ ପିଣ୍ଡାରେ ଯିଏ ଯୋଉଠି ଶୋଇଥିଲେ ସବୁ ଉଠି ଧାଇଁଲେ, ଘର ଭିତରୁ ଖୁଡ଼ୀର ନିର୍ବାକ ନିଶ୍ଚଳ ଶରୀରକୁ ଟେକି ଆଣିଲେ, ପାଟିରୁ ଫେଣ ବାହାରୁଚି । ଆଖି ବନ୍ଦ, କିଏ କହିଲା - ଖୁଡ଼ୀଟା ଆଉ ନାହିଁରେ ଭାଇ । କିଏ କହୁଥିଲା - ନାଇଁ ନାଇଁ ଶ୍ୱାସ ଚାଲୁଛି । ଶଗଡ଼ରେ ଧରି ଦି କୋଶବାଟ ଧାଇଁଲେ । ସଂଜ ବେଳକୁ ଜଣାପଡିଲା ଖୁଡ଼ୀ ବଞ୍ଚିଛି । ଏତିକି କଥାରେ

ଏଣ୍ଡ୍ରେସ (ବିଲରେ ପକାଯାଉଥିବା କୀଟନାଶକ ଔଷଧ) ଖାଇଦେଲା ? ସବୁ କଥା ହଉଥିଲେ । ଗାଁ ମଝି ଚଉତରା ଉପରେ ବୈଠକ ବସିଚି, ସମସ୍ତେ ଭାରି ଗମ୍ଭୀର ଲାଗୁଛନ୍ତି ।

ବଳିଆ କହିଲା – ନାଇଁ କଥାଟା କିଛି ଭଲ ହେଲାନି । ଝିଅଟା ବାଡୁଅ ରହିଯିବ, କିଏ ତାକୁ ବାହାହେବ ? ବଂଶୀ କିଛି ଭଲ କଲାନି । ବାହା ବେଦୀରୁ ଉଠି ପଳେଇଲା, ଶଃ–ଟାର ବେଶୀ ସାହାସ । ହୁଁ, ଆମ ଗାଁ ଦାଣ୍ଡରେ ଆମ ଆଗରେ ଆମ ଗାଁ ଝିଅକୁ ବିବାହ ମଝିରୁ ଛାଡ଼ିଦେଇ ଚାଲିଗଲା !

କୃଷ୍ଣ କହୁଥିଲା – ଆମେ ଆଉ କିସ କରିଥାନ୍ତେ, ହରି କକା, କିସ ଦେବ ନେବ ବୋଲି କଥା ଦେଇଥିଲା, ଦେଲାନି ବୋଲି ବାହାଘରଟା ଭାଙ୍ଗି ଗଲାନା । ଗଲା ସପ୍ତାହରେ ଦିଟା ବଳଦ କିଣି ଆଣିଥିଲା ଝିଅ ବାହାଘରେ ଦେବାପାଇଁ, ହେଲେ କାଠ ସାମାନ କିଛି କରିନଥିଲା, ସେଇ ଯୋଗୁରୁ ବାହାଘର ଭାଙ୍ଗିଥିବ ?

ବଳିଆ କହିଲା – ବଂଶୀଟା ତ ସୁରାଟରେ ରହୁଚି, ଆଉ ତା ବୋପାମା ସବୁ ସେଇଠି, କାଠ ସାମାନ ନେଇ କରିବ କଣ ? ହଁ ବଳଦ ଦିଟା କାଳେ ତା ଗାଁରେ ଭାଇଘରେ ରଖିବ ବୋଲି ସେ କହୁଥିଲା । ମୁଁ ଯାଇଥିଲି ନା, ହରିକକା ସାଙ୍ଗେରେ, ଯେତେବେଳେ ବାହାଘର କଥା ନିଷ୍ପତ୍ତି ହେଇଥିଲା । କିଛି ମାଗିନଥିଲେ ରେ ଭାଇ, ବଂଶୀ ବାପା କହିଥିଲା, ମୋ ପୁଅକୁ ସମ୍ମାନ କରିବ । ଆଉ କିଛି ଲୋଡ଼ା ନାହିଁ ।

କୃଷ୍ଣ କହିଲା – ହେଲା ଯେ ସବୁ ବାପା ସେଇ କଥା କହନ୍ତି, ବୋଇଲେ ତା ଭିତର କଥାଟା ବୁଝିବାର ଥିଲା ନା । ବଂଶୀ ବାପା ତୁଣ୍ଡରେ କହିନଥିଲା ବୋଲି ହରି କକା ବୁଝିବାର ଥିଲା ନା ।

ବଳିଆ କହିଲା – ହଇରେ ହରିକକାର ସଂପତ୍ତି କଥା ତୁ ଜାଣିନୁ କି ? ନିଜର ବୋଲି ଜମି

ଭରଣେ କି ଦି ଭରଣ, ଆଉ ତ କିଛି ନାଇଁ, ବଳଦ କିଣିବା ପାଇଁ ଜମି ବନ୍ଧା ପକେଇଚି, ଆଉ ପଇସା ଆଣିବ କୋଉଠୁ ? ବଂଶୀ ବିବାହ ପ୍ରସ୍ତାବ କରିବା ପୂର୍ବରୁ ସେ କଥା ଭାବିବା ଥିଲା ।

ଗାଧୁଆ ତୁଠରୁ ଫେରୁଥିଲେ ରଘୁ ପୁରୋହିତେ, କହିଲେ – ଘୋର କଳିକାଳ, ଘୋର କଳିକାଳ ! ସବୁ ଚୁପ ହେଇଗଲେ । ସେ ଯାଉ ଯାଉ କହିଲେ – ବେଦୀ ଉପରେ ବସି ଦିକୋଡ଼ି ହଜାର ମାଗିଲେ, କୋଉଠୁ ଦେଇଥାନ୍ତା ହରିଆ ?

ସବୁ ମୁହଁ ଦେଖାଦେଖି ହେଲେ । ବଳିଆ କହିଲା – ଚାଳିଶି ହଜାର ଟଙ୍କା ?

କୃଷ୍ଣ କହିଲା – ହାରେ ହାରେ, କଥାଟା ତାହେଲେ ଯାଇ ସେଇଠି । ପକ୍କା ବଦମାସଟେ ରେ ଭାଇ । ବାହା ବେଦୀରେ ବସି ଚାଳିଶି ହଜାର ମାଗିଲା ? ଶଃ ଏଇଟାକୁ ଛାଡ଼ିବା କଥା ନାହିଁ । ସେ ସମସ୍ତଙ୍କ ଆଡ଼କୁ ଟିକେ ଚାହିଁ କହିଲା, – କଣ କହୁଛ ତମେ ସବୁ ? ବଂଶୀକୁ ଛାଡ଼ିଦେବା ନା ?

ଗାଁର ଉଦୀୟମାନ ନେତା ଟୁନା ସାଇକେଲରେ ଯାଉ ଯାଉ ଅଟକି ଯାଇ ସାଇକେଲକୁ ଠିଆ କରି କହିଲା, – କିରେ କଣ ସବୁ ଚର୍ଚ୍ଚା ଚାଲିଛି ?

ବଳିଆ କୃଷ୍ଣ କାନରେ ଗୁଣୁ ଗୁଣୁ ହେଇ କହିଲା – ଟୁନା କୁ କଥାଟା କହିଦେଲେ ଗଲା, ସିଏ ତା ନେତା ଦଳ ଧରି ମାମଲାକୁ ଗରମ କରିଦେବ । ବାସ ଟୁନାକୁ ମାମଲାଟା ବୁଝାଇ ଦିଆଗଲା । ଟୁନା ରାଗରେ ଫଁ ଫଁ ହେଇ କହିଲା, – ଏଇ କଥା ? ଶଃ ବଦମାସ୍ ବାହା ବେଦୀରେ ବସି ଟଙ୍କା ମାଗିଲା ? ମାନେ ଯଉତୁକ ଡ଼ିମାଣ୍ଡ ? ଜମା ଛାଡ଼ିବିନି । ମୁଖ୍ୟମନ୍ତ୍ରୀଙ୍କୁ କହିବି । ବିଧାନସଭାରେ କଥା ଉଠେଇବି ।

ବଳିଆ କହିଲା – ସେ ସବୁ କଥା ଠିକ ଯେ ଭାଇନା, ହେଲେ ସେଥିରୁ ଆମକୁ ମିଳିବ

କଣ? ସେଇଠୁ ଟୁନା କିଛି ଗୋଟାଏ ଚିନ୍ତା କଲା ଆଉ କହିଲା – ହଉ, ତୁମେ ସବୁ କୁହ କଣ କଲେ ଭଲ ହେବ ? ବଳିଆ କହିଲା – ଯୋଉ ବଂଶୀ ଆମ ହରିକକା ଝିଅକୁ ବାହା ବେଦୀରୁ ଛାଡ଼ିଦେଇ ଚାଲିଗଲା, ତାକୁ ଶାସ୍ତି ଦେବାକୁ ପଡ଼ିବ । ବଳିଆ କଥାରେ ହୁଁ ମାରୁଥିବା ସୁଖୀ କହିଲା, ଶଃ– ଟାର ଗୋଡ଼ ହାତ କାଟି ଫୋପାଡ଼ି ଦେଲେ ଯାଇ ବୁଦ୍ଧି ଆସିବ । ସୁଖୀର ରାଗ ଦେଖି ସନତା କହିଲା, ଚାଲୁନୁ ଏବେ ଯିବା ଘରୁ ଟେକି ଆଣିବା, ବନ୍ଧହୁଡ଼ାରେ ପକେଇ ଗୋଡ଼ଟା ଟାଙ୍ଗିଦେବା ।

ଟୁନା ସମସ୍ତଙ୍କୁ ଶାନ୍ତ କରାଇ କହିଲା –ଉଁ କହିଲା ନା କଣ ଗୋଡ଼ଟା ଟାଙ୍ଗିଦେବୁ , ହଇରେ ଜେଲକୁ ଗଲେ ତୋ ବୋପା ପିଠିରେ ପଡ଼ିବ ? ରହ, ରାଗିଲେ କିଛି ହବନି, ମତେ ମୁଖ୍ୟମନ୍ତ୍ରୀ ନିଜେ କହିଚନ୍ତି, – ସବୁବେଳେ ଶାନ୍ତ ରହିଲେ ହିଁ ଠିକ ଠିକ କଥା ବୁଝିପାରିବୁ ଆଉ ବିଚାର କରିପାରିବୁ । ସେଇଠୁ ଟୁନା ପ୍ରସ୍ତାବ ଦେଲା ବଂଶୀ ଘରକୁ ନିଆଁପାଣି ବନ୍ଦ କରିବା । ସମସ୍ତେ ହଁ ଭରିଲେ । ବାସ୍ ଠିଆ ଠିଆ ଫଇସଲା ହେଇଗଲା, ବଂଶୀ ଘରକୁ ନିଆଁପାଣି ବାସନ୍ଦ । ଯଦି କିଏ ତାଙ୍କସହ କଥା ହବ ବୋଇଲେ ଜୋରିମାନା ଦେବ ଆଉ ତାକୁ ବି ନିଆଁପାଣି ବାସନ୍ଦ କରାଯିବ । ଭାଲୁ ଭଣ୍ଡାରୀ ଗାଁରେ ବୁଲି ବୁଲି ବଡ଼ ପାଟିରେ କଥାଟା ଜଣେଇ ଦେଲା ।

ସୁରାଟ ଟଙ୍କାରେ ନୂଆ ନୂଆ ଘରଟେକି ଥିବା ବଂଶୀର ବାପା ଏ କଥା ଶୁଣି ଚମକି ପଡ଼ିଲା । ସେ ଯାହା ପାଖକୁ ଗଲା ସବୁ ନିରବ ହେଇଗଲେ, ନୋହିଲେ ଅସୁବିଧା । ଅଗତ୍ୟା ଅନ୍ୟ ଉପାୟ ନ ପାଇ ସେ ଘୋଷଣା କଲା, ଭାରତ ସ୍ୱାଧୀନ ହେଇ ଗଲାଣି, ଏବେ କେହି ତା ପରିବାର ଉପରେ ନିଆଁପାଣି ବାସନ୍ଦ କରିପାରିବେ ନାହିଁ । ହେଲେ କେହି ଶୁଣିଲେ ନାହିଁ । ତେଲି ଦୋକାନରୁ ଡ଼ାଲି ଲୁଣ କିଣିବା ପାଇଁ ଯାଇଥିଲା, ସେ ବାହୁଡ଼ାଇ ଦେଲା । ବଂଶୀ ସାଇକେଲ ଧରି ଛୁଟିଲା, ପାଖ ଗାଁରୁ କିରାଣା ଜିନିଷ ଧରି ଆସିଲା । ହେଲେ ଦେଖୁ ଦେଖୁ ଚାରିଦିନ ବିତିଗଲା, ହେଲେ ବଂଶୀ ଘରେ ସେମିତି କିଛି ପ୍ରଭାବ ପଡ଼ିଲା ପରି ଦେଖା ଗଲାନି । ବଂଶୀ ସୁରାଟ ଟଙ୍କା ଆଣିଚି, ସେ କାହାକୁ ଖାତିର କରେନି ।

ଦିନ ଚାରିଟା ପରେ ଗାଁରେ ଭାଳେଣୀ ପଡ଼ିଲା । କିଏ କହିଲା ବଂଶୀ କାଳେ ବୋପାମା କୁ

ସାଥୀରେ ନେଇ ସୁରାଟ ପଳେଇବ । ଗାଁ ଦାଣ୍ଡ ମଣ୍ଡପ ଉପରେ ବସି କଥା ହେଉଥିବା ବେଳେ ସୁଖୀ କହିଲା, ଗୋଡ଼ ହାତ ଗୋଟେ ଭାଙ୍ଗି ଦେଇଥିଲେ ଶଃ ଟାର ଏତେ ବହପ ହେଇଥାନ୍ତା ? ସନତା କହିଲା ମୁଁ କଣ କହୁଥିଲି ? ମୋ କଥା କିଏ ଶୁଣିଲା । ଯାଃ ଏବେ ଆଉ କଣ କରିବ କୁହ ! -ଏବେ ପୋଲିସ କେସ୍ ହେବ । କହି କହି ଆସିଲା ଟୁନା । ହରିକକାକୁ ଧରି ଚାଲ ରତନପୁର ଥାନାକୁ । ମୁଁ ଦରୋଗା ବାବୁଙ୍କୁ ସବୁ ବୁଝେଇ ଦେଇଚି, ସିଏ ଆମ ପାର୍ଟି ଲୋକ, ସିଏ ବାପାପୁଅ ହଳକୁ ଥାନାରେ ବାନ୍ଧିଦେବେ । ସମସ୍ତଙ୍କ ମୁହଁ ଉଜ୍ଜଳ ହେଇଗଲା । ବଳିଆ ଉଠିଲା ହରିଆ ଘରକୁ ଯିବାପାଇଁ, ଦେଖୁ ଦେଖୁ ପୁରା ଗାଁ ଏକଜୁଟ ହୋଇ ହରିକକାକୁ ଧରି ଏକ ଶୋଭାଯାତ୍ରାରେ ବାହାରିଲେ । ଗାଁ ମାଇପେ ସୁଧାରୁ ସେଥିରେ ମିଶି ଚାଲିଲେ । ଟୁନା ବାବୁ ଆଗରେ ଚାଲୁଛି, ଏହି ପ୍ରହସନ ଦେଖି ବଂଶୀ ବାପାର ମନରେ ଛନକା ପଶିଲା, ସେ ଧାଇଁଲା କାର୍ଜିଙ୍କ ଘରକୁ । ସୌଭାଗ୍ୟକୁ କାର୍ଜି କରଣେ ଏକାଠି ଥିଲେ । ତାଙ୍କ ଗୋଡ଼ ତଳେ ପଡ଼ି କହିଲା, - ଆଜ୍ଞା ମୋତେ ବଞ୍ଚାନ୍ତୁ ।

କାର୍ଜିଏ ସାମାନ୍ୟ ହସିଦେଇ କହିଲେ, - କିରେ ତୋ ପୁଅ ପାରିବାର ହେଲାଣି, ଆମ ପାଖକୁ କାହିଁକି ଆସିଛୁ ? ଯା, ସେ ସୁରାଟରୁ ଯୋଉ ଟଙ୍କା ଆଣିଚି ତାକୁ ଖଟେଇ ନିଜକୁ ନିଜେ ରକ୍ଷା କର । ହଇରେ ଆମ ଖଣ୍ଡ ମଣ୍ଡଳରେ କିଏ ଯଉତୁକ ମାଗିଥିଲା ? ତମେ ବାପା ପୁଅ, ଏଡ଼େ ବହପିଆ, ହୁଁ ! ଚାଳିଶି ହଜାର ଟଙ୍କା ? ତୋ ବୋପା ଦେଖିଥିଲା ? ଯା ତୋ ଟଙ୍କା ଖର୍ଚ୍ଚ କରେ । ଦେଖିବୁ ଥରେ ଜେଲର ପବନ ବାଜିଗଲେ ତୋ ପୁଅକୁ କେତେ ପ୍ରସ୍ତାବ ଆସୁଚି ! ହାଁ ରେ ।

ବଂଶୀ ବାପା ଗୋଡ଼ ଧରି କହିଲା - ମୋର ଭୁଲ ହେଇଗଲା ଆଜ୍ଞା, ଲୋଭରେ ପଡ଼ି ଯାଇଥିଲି । ଘର ଡ଼ିହଟା ଉଠେଇ ଦେବି ବୋଲି ମାଗିଦେଲି । ଏବେ ଜ୍ଞାନ ହେଇଗଲା ଆଜ୍ଞା । ଗାଁ ଲୋକ କେହି ବି ସାହାଯ୍ୟ କରିବାକୁ ମଙ୍ଗୁନାହାନ୍ତି, ଆପଣ ନୋଇଲେ, ମୁଁ କଣ କରିବି, ମୋ ସଂସାର ଭାସିଯିବ ।

କରଣେ କହିଲେ - ଯେତେବେଳେ ହରିଆ ଝିଅକୁ ବାହାବେଦୀରୁ ଛାଡ଼ି ଚାଲିଗଲୁ, ସେତେବେଳେ ଭାବି ନଥିଲୁ ତାର କଣ ହେବ ? ତା ସଂସାର ଭାସିଯିବ ବୋଲି ଭାବିନଥିଲୁ ? ହଉ ଚାଲ । ଯଦି କଥା

ଦବୁ ହରିଆ ଝିଅକୁ ସସମ୍ମାନେ ବୋହୂ କରିନେବୁ, ବୋଇଲେ ଚିନ୍ତା କରିବା । କାର୍ଜି କହିଲେ, ବାହାପରେ ଯଦି ତାକୁ ଟିକେ ବି କଷ୍ଟ ଦେବୁ ବୋଇଲେ ଆମେ ତୋତେ ଥାନାରେ ଜିମା ଦେଇଦେବୁ ମନେ ରଖିଥା । ବଂଶୀବାପ ଦୃଢ଼ କଣ୍ଠରେ କହିଲା, ସେ ଭୁଲ ଆଉ ହବନି ଆଜ୍ଞା, ମୋତେ ରକ୍ଷା କର ।

ସଂଜ ବେଳକୁ ମଣ୍ଡପ ଉପରେ ମିଟିଂ ବସିଲା । ହରିଆ ସହିତେ ପୂରା ଗାଁ ଏକ ପାଖେ ବସିଥିଲେ, ବଂଶୀ ଆଉ ତା ବାପା ଅଲଗା ବସିଥିଲେ । ଉପରେ ବସିଥିଲେ କରଣେ, କାର୍ଜି, ଆଉ ଗାଁ ମାଷ୍ଟ୍ରେ ।

ଟୁନା ଓକିଲାତି କରି ଉଭୟ ପକ୍ଷର କଥା କହିଲା ପରେ ବଂଶୀ ବାପ ଠିଆ ହେଇ କହିଲା – ସବୁ ଭୁଲ ଆଜ୍ଞା ମୋର । ସଂପତ୍ତି ଲୋଭରେ ବେଦୀ ଉପରେ ଡ଼ିମାଇଣ୍ଡିଟେ କରିଦେଲି । ମୋର ଭୁଲ ପାଇଁ କ୍ଷମା ମାଗୁଛି । ଆପଣ ଆଜ୍ଞା ସାକ୍ଷାତେ ଇଶ୍ୱର, ଯାହା ବିଧାନ କରିବେ ସବୁ ମାନିବି ।

କାର୍ଜି କହିଲେ – ହରିଆ ! ତୁ କଣ କହୁଚୁ ?

ହରିଆ ଠିଆ ହେଇ କହିଲା – ଆଜ୍ଞା ଆପଣ ଯାହା କହିବେ । ମୋ ଝିଅଟାର ସମ୍ମାନଟା ରହିଲେ ଆପଣଙ୍କ ଗୋଡ଼ ଧୋଇ ପାଣି ପିଇବି ଆଜ୍ଞା । ନହେଲେ ବାଡ଼ୁଆ ଝିଅଟା, ବେଦୀରୁ ବର ପଳେଇଚି ଶୁଣିଲେ କିଏ ମୋ ଝିଅ ହାତ ଧରିବ ?

କରଣେ କହିଲେ – ଆମ ଗାଁରେ ସମୁଦାୟ ହଜାରେ ଲୋକ । ଆମ ଆମ ଭିତରେ ଯଦି ମନାନ୍ତର କରି ରହିବା, ସେଇଟା ସୁନ୍ଦର ହେବ କି ? ତେଣୁ ଆମେ ଯାହା ଭାବୁଚୁ, ରଘୁ (ପୁରୋହିତ) ଭାଇନାଙ୍କୁ ପଚାରି ଗୋଟେ ଭଲ ଲଗ୍ନ ଦେଖି ତୋ ଝିଅ ଆଉ ବଂଶୀର ବାହାଘରଟା କରିଦେବା । ତୁ ଯାହା ଯେମିତି ଦେବୁ ନେବୁ ବୋଲି ଭାବିଥିଲୁ ସେମିତି ଦେଇ ଝିଅକୁ ବିଦା କରିବୁ । ଆଉ ଝିଅ ବାହାଘର ଦିନ ଭୋଜି ରାନ୍ଧିଥିଲୁ, ତେଣୁ ତୁ ଆଉ ଭୋଜି ରାନ୍ଧିବୁନି, ସେଇଟା କୋଠଘର ତରଫରୁ ହବ । ରାଗରଷା ଛାଡ଼ । ଯାଅ ଝିଅର ବାହାଘର ପାଇଁ ଯୋଗାଡ଼ଯନ୍ତ୍ର କର । ବଂଶୀ ଆଡ଼କୁ ଚାହିଁ କହିଲେ – ବାହାଘରଟା ଖେଳଘର

ହେଇନି ରେ ବାପ । ବୁଝିଲୁ । ଯଦି ଦିନେ ହରିଝିଅ କହିଥିବ ତୁ ତାକୁ କଷ୍ଟ ଦେଇଚୁ ବୋଲି, ବୋଇଲେ ଦେଖିବୁ, ବଂଉଶଟା ଯାକୁ ଜେଲରେ ପକେଇ ଦେବି ।

ନିଜ ଦାଣ୍ଡ ପିଣ୍ଡାରେ ବସିଥିଲା ଦଣ୍ଡିଆ କହିଲା, ସବୁ ହେଲା ଯେ ମାଷ୍ଟ୍ରେ କୋଠଘରୁ କାହିଁକି ? ଏଇଟା ବଂଶୀଘରୁ ଜୋରିମାନା ଆଦାୟ କରିଦେଲେ ହବନି ?


କରଣେ କହିଲେ - ହବନି କାହିଁକି ? ନିଷ୍ଚେ ହବ । ହେଲେ ଦି ପରିବାର ବନ୍ଧୁ ବାନ୍ଧୁଛନ୍ତି, ସେତେବେଳେ ଏମିତି କରିବାଟା ସୁନ୍ଦର ହେବନି । ତାପରେ ହରି ଝିଅ ପାଇଁ ପୁରା ଗାଁ ଠିଆ ହେଇପଡ଼ିଲ, ତେଣୁ ସେ ଏବେ ଗାଁର ଝିଅ, ତା ବାହାଘର ପାଇଁ କୋଠଘରୁ ହିଁ ଭୋଜି ଦିଆଯିବ । ଏଇଟା ସମସ୍ତଙ୍କ ପାଇଁ ଗୋଟେ ଶିକ୍ଷା ବୋଲି ଧର । ଆଉ ଏଇମିତିକା ଘଟଣା ଯେମିତି ଅନ୍ତତଃ ଆମ ଗାଁରେ ପୁନର୍ବାର ନ ହୁଏ, ସେଥିପ୍ରତି ସମସ୍ତେ ସାବଧାନ ରହିଥିବ ।

ମିଟିଂ ସରିଲା । ଗାଁ ବୋହୁଏ ହୁଳହୁଳି ଦେଇ ଯେ ଯା ଘରକୁ ଗଲେ ।

ସପ୍ତାହେ ପରେ ହରିଝିଅର ବାହାଘର ବହୁତ ଆଡ଼ମ୍ବରରେ ହେଇଥିଲା ।

ଆସ ବୁଲିଯିବା ଆମ ଓଡ଼ିଶା

# ତାରାତାରିଣୀ



ତାରାତାରିଣୀ ସ୍ତନପୀଠ ଗଞ୍ଜାମ ଜିଲ୍ଲାରେ ବ୍ରହ୍ମପୁରଠାରୁ ୩୦ କିମି ଦୂରରେ ଥିବା ପୁରୁଷୋତ୍ତମପୁର ନିକଟବର୍ତ୍ତୀ ତାରାତାରିଣୀ ପାହାଡ଼ ବା ପୂର୍ଣ୍ଣଗିରି ପର୍ବତ ଶୀର୍ଷରେ ଅବସ୍ଥିତ । ଏଠାରେ ଅବସ୍ଥାପିତ ତାରା ଓ ତାରିଣୀଙ୍କୁ ଆଦି ଶକ୍ତିଙ୍କ ଅବତାର ଭାବରେ ପୂଜା କରାଯାଉଛି । ତାରାତାରିଣୀ ପୀଠ ବହୁ ପୁରାତନ ଶକ୍ତି ପୀଠ ଏବଂ ଭାରତର ଚାରୋଟି ମୁଖ୍ୟ ଶକ୍ତି ପୀଠ ମଧ୍ୟରୁ ଅନ୍ୟତମ ।

ପୁରାତନ ଶାସ୍ତ୍ର ଯଥା ଶିବ ପୁରାଣ, କାଳିକା ପୁରାଣ, ଦେବୀ ଭାଗବତ ଓ ଅଷ୍ଟଶକ୍ତିରେ ଭାରତବର୍ଷରେ ଚାରିଟି ମୁଖ୍ୟ ଶକ୍ତି ପୀଠ ଥିବାର ପ୍ରମାଣ ମିଳେ । ସେଥି ମଧ୍ୟରୁ ବିମଳା ପାଦଖଣ୍ଡ, କାମାକ୍ଷା ଯୋନୀଖଣ୍ଡ, ଦକ୍ଷିଣକାଳୀ ମୁଖ ଖଣ୍ଡ ଓ ତାରାତାରିଣୀ ସ୍ତନ ଖଣ୍ଡ ଭାବରେ ପ୍ରସିଦ୍ଧ ।

ଦୁଇଟି ପ୍ରସ୍ତର ଖଣ୍ଡକୁ ସୁନା ଓ ରୁପାଳଙ୍କାରରେ ମଣ୍ଡିତ କରି ପୂଜା କରାଯାଏ, ଏବଂ ସେହି ଦୁଇ ମଧ୍ୟରେ ଦୁଇଟି ଅଷ୍ଟଧାତୁ ନିର୍ମିତ ଚଳନ୍ତି ପ୍ରତିମା ରହିଛି । ସଂପ୍ରତି ଏହି ମନ୍ଦିରର ନବୀକରଣ କରାଯାଉଛି । ଏକ ପର୍ଯ୍ୟଟନ କ୍ଷେତ୍ର ଭାବରେ ତାରାତାରିଣୀର ପ୍ରସିଦ୍ଧି ଯୁଗ ଯୁଗରୁ ରହି ଆସିଛି ।

ଦକ୍ଷ ପ୍ରଜାପତିଙ୍କ ଯଜ୍ଞ କୁଣ୍ଡରେ ପ୍ରାଣ ଦେଇଥିବା ଦେବୀ ସତୀଙ୍କ ଶରୀରକୁ ଧରି ଶିବ ତାଣ୍ଡବ କରିଥିଲେ, ଏବଂ ସେହି ଶରୀରରୁ ଭାଗ ହୋଇଥିବା ବିଭିନ୍ନ ଖଣ୍ଡ ଦ୍ୱାରା ବିଭିନ୍ନ ଶକ୍ତି ପୀଠର ଉଦ୍‌ଗମ ହୋଇଥିଲା । ମହାଭାରତ ଯୁଗରେ ପ୍ରାୟ ୬ ହଜାର ବର୍ଷ ତଳେ ଏହି ପୀଠ ରହିଥିବାର ପ୍ରମାଣ ବିଭିନ୍ନ ପୁରାଣରେ ମିଳେ । ସେହିପରି କଳିଙ୍ଗ ଯୁଦ୍ଧପରେ ତତ୍‌କାଳୀନ କଳିଙ୍ଗ ରାଜ୍ୟର ମୁଖ୍ୟ ସଂପାଠାରେ ଥିଲା, ଐତିହାସିକ ମାନଙ୍କ ମତରେ ଏହି ସ୍ଥାନ ତାରାତାରିଣୀଠାରୁ ୭ କିମି ଦୂରେ ଅବସ୍ଥିତ ବର୍ତ୍ତମାନର ଜଉଗଡ଼ ବୋଲି କୁହାଯାଉଛି । ଅଶୋକଙ୍କ ବିଜୟ ପରେ ଏହି ସ୍ଥାନରେ ବୌଦ୍ଧ ଧର୍ମର ପ୍ରବଳ୍ୟତା ଥିବାର ଉଦାହରଣ ଜଉଗଡ଼ଠାରେ ଦେଖିବାକୁ ମିଳେ । କିନ୍ତୁ ସପ୍ତଦଶ ଶତାବ୍ଦୀ ପର୍ଯ୍ୟନ୍ତ ଏହି ପୀଠ ଜନ ସମାଗମ ଠାରୁ ଲୁକ୍କାୟିତ ହୋଇଥିଲା ।

ଏକ ପ୍ରଚଳିତ ଲୋକ କଥା ଅନୁଯାୟୀ ଅତୀତରେ ଦିନେ ମାଁ ତାରାତାରିଣୀ ଦୁଇ ଭଉଣୀ ରୂପରେ ଆସି ବାସୁ ପ୍ରହରାଜଙ୍କ ଘରେ ଉଭା ହୋଇଥିଲେ । ଗଞ୍ଜାମ ଜିଲ୍ଲା ବୀର ଜଗନ୍ନାଥପୁର ଅନ୍ତର୍ଗତ ଖରିଡ଼ା ଗ୍ରାମରେ ରହୁଥିବା ବାସୁ ପ୍ରହରାଜ ଜଣେ ବିଜ୍ଞ ବ୍ୟକ୍ତି ଥିଲେ । କିନ୍ତୁ ସେ ସନ୍ତାନହୀନ ଦୁଃଖରେ ମ୍ରିୟମାଣ ଥିଲେ । ସେହି ଦୁଇ ଭଉଣୀ ପ୍ରହରାଜଙ୍କଘରେ ରହି କିଛି ବର୍ଷ ପରେ ଦିନେ ହଠାତ୍ ଉଭାନ୍ ହୋଇଗଲେ । ଲୋକମାନେ କହନ୍ତି ସେ ଦୁଇ ଭଉଣୀ ତାରାତାରିଣୀ ପର୍ବତ ପାଖ ଯାଏଁ ଆସି ଉଭାନ ହୋଇ ଯାଇଥିଲେ । ସେହି ରାତିରେ ବାସୁ ପ୍ରହରାଜଙ୍କୁ ସ୍ୱପ୍ନରେ ଦେବୀ ଦୁଇ ଜଣ ଦର୍ଶନ ଦେଇ କହିଥିଲେ ଯେ ସେମାନେ ଆଦି ଶକ୍ତିଙ୍କ ଅବତାର, ଏବଂ ସେମାନେ ନିର୍ଦ୍ଦେଶ ଦେଲେ ଯେ ପର୍ବତ ଉପରେ ସେହି ମନ୍ଦିରକୁ ପୁନଃନିର୍ମାଣ କରିବା ପାଇଁ କହିଥିଲେ । ସେହି ଦିନଠାରୁ ତାରାତାରିଣୀ ପୀଠ ପ୍ରସିଦ୍ଧି ଲାଭ କରିଥିଲେ ।

**କେମିତି ଯିବେ** – ବ୍ରହ୍ମପୁର ସହରଠାରୁ ମାତ୍ର ୩୦ କିମି ଦୂରରେ ଥିବା ଏହି ସ୍ଥାନକୁ ଯିବା ପାଇଁ ସକାଳୁ ସଂଧ୍ୟା ଯାଏଁ ବସ ରହିଛି । ଏବଂ ବ୍ରହ୍ମପୁରଠାରୁ ଅଟୋ, ଟ୍ୟାକ୍ସିର ବ୍ୟବସ୍ଥା ମଧ୍ୟ ହୋଇପାରିବ । ଚାଲି ଚାଲି ଯିବା ପାଇଁ, ପର୍ବତର ପାଦ ଦେଶରୁ ଶୀର୍ଷକୁ ଲମ୍ବିଛି ଏକ ହଜାର ପାହାଚ । ଚାଲି କରି ଯିବାରେ ଅକ୍ଷମ ଯାତ୍ରୀ ମାନଙ୍କ ପାଇଁ ରୋପ୍ ୱେ ର ବ୍ୟବସ୍ଥା ବି ରହିଛି । ଯାତ୍ରୀବାହୀ ଗାଡ଼ି ମାନଙ୍କପାଇଁ ମନ୍ଦିର ପାଖକୁ ଯିବା ପାଇଁ ସଡ଼କ ବ୍ୟବସ୍ଥା ବି ରହିଛି ।

**କେଉଁଠି ରହିବେ** – ଯେହେତୁ ଏହା ବ୍ରହ୍ମପୁର ସହର ନିକଟବର୍ତ୍ତୀ ତେଣୁ ଆପଣ ଚାହିଁଲେ ବ୍ରହ୍ମପୁରରେ ରହି ସେଠାକୁ ଯାଇ ଫେରି ପାରିବେ । ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ମିତ ପାନ୍ଥନିବାସ ମଧ୍ୟ ରହିଛି ।

**କେବେ ଆସିବେ** – ବର୍ଷସାରା ଏଠାରେ ଯାତ୍ରୀ ମାନଙ୍କ ଭିଡ଼ ପରିଲକ୍ଷିତ ହୁଏ । ତେବେ ଚୈତ୍ର ମାସରେ ମଙ୍ଗଳବାର ମାନଙ୍କରେ ବିଶେଷ ଭିଡ଼ ଦେଖାଯାଏ ।

**ମନ୍ଦିରର ନିର୍ଘଣ୍ଟ** – ସକାଳ ଓ ସଂଧ୍ୟାରେ ଏଠାରେ ପୂଜା ଓ ଆଳତୀ ହୁଏ । ଦିନ ବେଳେ କିଛି ସମୟ ପାଇଁ ମନ୍ଦିର ବନ୍ଦ ରହେ । ତେବେ ଏଠାରେ ଦିନବେଳେ ମାଁଙ୍କ ପ୍ରସାଦ ବିକ୍ରୟ ହୁଏ । ସଂଧ୍ୟାରେ ଆଳତୀ ପରେ ମନ୍ଦିରକୁ ବନ୍ଦ କରି ଦିଆଯାଏ । ଏବଂ ପର୍ବତଶୀର୍ଷରେ କେହି ରହନ୍ତି ନାହିଁ ।

ଅଧିକ ବିବରଣୀ ପାଇଁ ମାଁ ତାରାତାରିଣୀଙ୍କ ୱେବ୍‌ସାଇଟ୍ ଦେଖନ୍ତୁ ।

http://www.taratarini.nic.in




# ହୁସେନ, ହସିନା ଓ ଅନ୍ୟମାନେ

ମୀନକେତନ ପଟ୍ଟନାୟକ

-ମୁଁ ଏ ଯୁଗର ଶ୍ରେଷ୍ଠ ଚିତ୍ରକର, ମୋତେ ସମ୍ମାନିତ କର । ଉକ୍ତିଟି ଓଡ଼ିଶା ସମକାଳୀନ କଳା ଦୁନିଆର କୁଳବୃଦ୍ଧ ଡଃ ଦୀନନାଥ ପାଠୀଙ୍କ ଦ୍ୱାରା ଆବୃତ୍ତି ହୋଇଥିବା ସ୍ୱକବିତାର ଏକ ଅଂଶ ଅଟେ । ମୋର ଯେତେ ଦୂର ମନେପଡ଼େ ବୋଧହୁଏ ୧୯୯୨ ମସିହାର କଥା । ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ହୋଇଥିବା ବିଭୂତି କାନୁନଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟର ବାର୍ଷିକ କଳା ପ୍ରଦର୍ଶନୀ ଉପଲକ୍ଷେ ମଞ୍ଚ ଉପରେ ଡଃ ପାଠୀ କବିତାଟିକୁ ଆବୃତ୍ତି କରିଥିଲେ । ଅବଶ୍ୟ ଅଳ୍ପରେ ସନ୍ତୁଷ୍ଟ ହୋଇଯାଉଥିବା ଶିଳ୍ପୀ ବନ୍ଧୁଙ୍କ ପ୍ରତି ବିଦୃପ କରି ସେ ଏହି କବିତା ମାଧ୍ୟମରେ ବାଣ ମାରିଥିଲେ ତଥାପି ଉକ୍ତ ମୁଖ୍ୟ ଧାଡ଼ିଟି ନିକଟ ଅତୀତରେ ସ୍ୱର୍ଗାରୋହଣ କରିଥିବା ଯଶସ୍ୱୀ ଶିଳ୍ପୀ ମକବୁଲ୍ ଫିଦା ହୁସେନଙ୍କ ପାଇଁ ଏକଦମ୍ ପ୍ରଯୁଜ୍ୟ ଅଟେ କାରଣ ସେ ଯେଉଁ ସ୍ତରର ଶିଳ୍ପୀ ଥିଲେ ଆମ ରକ୍ଷଣଶୀଳ ଭାରତୀୟ ସମାଜ ତାଙ୍କୁ ସେଇ ଭାବରେ ଗ୍ରହଣ କରିବାରେ ନିଶ୍ଚିତ ଭାବେ ଅବହେଳା କରିଥିଲା ।

ଯଶ ଓ ଅପବାଦ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଅଟେ, ତେଣୁ ଏହି ଦୁଇଟିର ମଝିରେ ହୁସେନ୍ ସ୍ୟାଣ୍ଡୱିଚ୍ ହୋଇ ଯାଇଥିଲେ । ଭାରତ ପାଇଁ ତାଙ୍କର ସବୁଠୁ ବଡ଼ ଅବଦାନ ହେଲା ଭାରତୀୟ ସମକାଳୀନ କଳାକୁ ବିଶ୍ୱ ପ୍ରାଙ୍ଗଣମୁଖୀ କରିବାରେ ସେ ଥିଲେ ମୁଖ୍ୟ ବିନ୍ଧାଣୀ, ତେବେ ପରିତାପର ବିଷୟ ଏହି କି ଯେ ଏତେ ବଡ଼ ଏକ ଗଣତନ୍ତ୍ର ରାଷ୍ଟ୍ରରେ ଜଣେ ମଧ୍ୟ କେହି ବାହାରି ନଥିଲେ ତାଙ୍କୁ ସ୍ୱଦେଶାନ୍ତର ଅଭିଶାପରୁ ମୁକ୍ତ କରିବା ପାଇଁ । ସବୁ ସୃଜନଶୀଳ ବ୍ୟକ୍ତିମାନେ ଯଶ ପ୍ରିୟ ଅଟନ୍ତି, ତେଣୁ ହୁସେନ ମଧ୍ୟ ଢ଼େର ନାଁ କମେଇବା ପାଇଁ ଯାଇ ତାଙ୍କ ଛବି ଓ ଚଳଚିତ୍ର ମାନଙ୍କରେ କିଛି କିଛି ମସଲା ମିଶାଉଥିଲେ । ସେହି ପରୀକ୍ଷା ନିରୀକ୍ଷା ତାଙ୍କୁ ଚର୍ଚ୍ଚା ଭିତରକୁ ଟାଣିବା ପାଇଁ ଯଥେଷ୍ଟ ଥିଲା । ଇମର୍ଜେନ୍ସି ସମୟରେ କଥା,



ଗଣମାଧ୍ୟମ ଇନ୍ଦିରା ଗାନ୍ଧୀଙ୍କୁ ଡାହାଣୀ ରୂପେ ଚିତ୍ରିତ କରୁଥାଏ ଓ ବିରୋଧୀ ରାଜନୈତିକ ଦଳର ଅଧିକାଂଶ ନେତା, ସାମ୍ବାଦିକ, ବୁଦ୍ଧିଜୀବୀ ଆଦି ଥାଆନ୍ତି ଜେଲର ଚାରିକାନ୍ଥ ଭିତରେ । ଗଣତନ୍ତ୍ରର ଶ୍ୱାସରୁଦ୍ଧ କରାଯାଇଥାଏ । ସେହି ରାଜନୈତିକ ଉତ୍ତେଜନା ପୂର୍ବ ସମୟରେ ହୁସେନ୍‌ଙ୍କ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥାଏ ମାନ୍ଦ୍ରାଜ ସହରରେ (ଏବର ଚେନ୍ନାଇ) । ଛବିଟିରେ ଥାଏ ଦେବୀ ସିଂହବାହିନୀଙ୍କର ଚିତ୍ର କିନ୍ତୁ ଦେବୀଙ୍କ ମୁଖମଣ୍ଡଳ ବଦଳରେ ଇନ୍ଦିରା ଗାନ୍ଧୀଙ୍କ ମୁଖାକୃତି ଅଙ୍କା ଯାଇଥାଏ । ଇନ୍ଦିରାଙ୍କ ବନ୍ଧୁ ତଥା ଗୋଦରେଜ କଂପାନୀର ମାଲିକାଣୀଙ୍କ ତତ୍ତ୍ୱାବଧାନରେ ପ୍ରଦର୍ଶନୀଟି




ଆୟୋଜିତ ହୋଇଥାଏ । ଛବିଟିରେ ଇନ୍ଦିରାଙ୍କୁ ମା ଦୁର୍ଗା ରୂପରେ ଚିତ୍ରାୟିତ କରିଥିବାରୁ ହୁସେନଙ୍କୁ ଜାତୀୟ ଗଣମାଧ୍ୟମ ସରକାରୀଆ ପେଣ୍ଟର ରୂପେ ନାମକରଣ କରିଥିଲା । ଏହି ପରି ଭାବରେ ହୁସେନ୍ ପ୍ରଥମେ ବିତର୍କିତ ବଳୟ ମଧ୍ୟକୁ ଆସି ଯାଇଥିଲେ । ସେହି ଦିନଠାରୁ ସେ ମଝିରେ ମଝିରେ କିଛି ନା କିଛି ପ୍ରଶଂସା ବା ସମାଲୋଚନା କାରଣରୁ ଖବର କାଗଜର ପୃଷ୍ଠାମଣ୍ଡନ କରି ଆସୁଥିଲେ । ଅବଶ୍ୟ ଭାରତମାତା ବା ସରସ୍ୱତୀ ଛବି ଦୁଇଟିରେ ସେମିତି କିଛି ଆପତ୍ତି କଲାଭଳିଆ ନଥିଲା । ମୋ ମତରେ କେବଳ ସେ ଦୁଇଟି ଛବିର ଶୀର୍ଷକକୁ (ଟାଇଟଲ୍) ନେଇ ବୋଧେ କିଛି ଅବୁଝାମଣାର ସୂତ୍ରପାତ ଘଟିଥିଲା, କାରଣ ଶୀର୍ଷକ ଦୁଇଟିକୁ ଯଦି ବଦଳାଇ ଦିଆଯାଏ ତେବେ ଛବି ଦୁଇଟି ହୁସେନଙ୍କ ଅନ୍ୟ ଛବି ଗୁଡ଼ିକ ଭଳିଆ ସାଧାରଣ ଶ୍ରେଣୀୟ ହୋଇଯିବ ତେଣୁ ଶୀର୍ଷକ

ହିଁ ଛବି ଗୁଡ଼ିକୁ ଅସାଧାରଣ କରିବାରେ ଖୋରାକ୍ ଯୋଗାଇଛି ।



କଳାକୁ ନେଇ ବିତର୍କ ହେବା କିଛି ନୂଆ କଥା ନୁହେଁ । ଇତିହାସରେ ଏପରି ବହୁତ ଦୃଷ୍ଟାନ୍ତମାନ ରହିଛି । ୨୦୦୭ ମସିହା କଥା । ଭାରତର କଳା ପରୀକ୍ଷାଗାର କୁହାଯାଉଥିବା ବରୋଦା ସ୍ଥିତ ଏମ୍. ଏସ୍. ୟୁନିଭର୍ସିଟିର ବାର୍ଷିକ କଳା ପ୍ରଦର୍ଶନୀ ଚାଲିଥାଏ, ଯେଉଁଥିରେ ବିଦ୍ୟାର୍ଥୀମାନେ ନିଜ ଇଛା ମୁତାବକ ପରୀକ୍ଷା ନିରୀକ୍ଷା କରିଥାନ୍ତି । କାଳେ କୌଣସି କଳାକୃତିକୁ ନେଇ କିଛି ବିବାଦ ସୃଷ୍ଟି ହେବ ସେଥିପାଇଁ ନିର୍ଦ୍ଦିଷ୍ଟ କେଇଟା ଦିନ ବାହାରର ସାଧାରଣ ଦର୍ଶକଙ୍କୁ ପ୍ରଦର୍ଶନୀ ଦେଖିବାର ଅନୁମତି ଦିଆଯାଏ ନାହିଁ । ସେଥର ପ୍ରଦର୍ଶନୀରେ ବିଶ୍ୱର କିଛି ମହାମାନବ ତଥା ଦେବାଦେବୀଙ୍କ ପ୍ରତିକୃତି ପ୍ରଦର୍ଶିତ ହୋଇଥାଏ, କିନ୍ତୁ ସେମାନଙ୍କ ମୁଖମଣ୍ଡଳକୁ ଚକ୍ଷୁହୀନ ଭାବେ ଅଙ୍କନ କରା ଯାଇଥାଏ । ତେଣୁ ଦେବାଦେବୀ ଓ ମହାମାନବ ମାନଙ୍କୁ ସୈତାନ ରୂପରେ ଅଙ୍କାଯାଇ ଅପମାନିତ କରାଯାଇଛି ବୋଲି ଏକ ନିର୍ଦ୍ଦିଷ୍ଟ ରାଜନୈତିକ ବିଚାର ରଖୁଥିବା ଲୋକେ ପ୍ରବଳ ବିରୋଧ କରିଥିଲେ । ସେହି ପ୍ରଦର୍ଶନୀରେ ଅନ୍ୟ ଏକ ଛବିଟିରେ ଏକ ନିର୍ଦ୍ଦିଷ୍ଟ ଅଳ୍ପସଂଖ୍ୟକ ସଂପ୍ରଦାୟର ଦେବଦୂତଙ୍କ ଚିତ୍ରର ନିମ୍ନାଂଶରେ ଏକ ପାଇଖାନା ଆସନ (ଟଏଲେଟ୍ ପ୍ୟାନ୍) ର ଛବି ଅଙ୍କା ଯାଇଥିବାରୁ ସେହି ସଂପ୍ରଦାୟର ଏକାଧିକ ବ୍ୟକ୍ତି ବିଶେଷଙ୍କ ପ୍ରବଳ ପ୍ରତିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଫଳସ୍ୱରୂପ ସେହି ବିବାଦପୂର୍ବ ଛବି ଗୁଡ଼ିକ ପାଇଁ ବିଦ୍ୟାର୍ଥୀ ମାନଙ୍କୁ ସମର୍ଥନ କରୁଥିବା ଅଧ୍ୟାପକ ଶିବାଜୀ ପାନିକର ମହାଶୟଙ୍କୁ ବିଶ୍ୱବିଦ୍ୟାଳୟରୁ ବହିଷ୍କାର କରାଯାଇଥିଲା ।



ମୋତେ ମଧ୍ୟ ମୋର ଦୁଇଟି ଛବି ଯୋଗୁଁ ହାଲକା ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା । ବିହାର ମାନବ ସଂସାଧନ ବିକାଶ ବିଭାଗ ତରଫରୁ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର, କଲିକତା ଓ ବିହାର ସାଂସ୍କୃତିକ କାର୍ଯ୍ୟ ନିର୍ଦ୍ଦେଶାଳୟ ମିଳିତ ସହଯୋଗରେ ପାଟନା ଆର୍ଟ କଲେଜ ଠାରେ ୨୫ରୁ ୩୦ ମାର୍ଚ୍ଚ ୧୯୯୧ ପର୍ଯ୍ୟନ୍ତ ଆୟୋଜିତ ପୂର୍ବାଞ୍ଚଳ କଳା ଛାତ୍ର ଶିବିର ଓ ବିଚାରଗୋଷ୍ଠୀରେ ମୋ ଅଙ୍କିତ ବନ୍ଦୀ ମାରୁତି ଛବିକୁ ନେଇ ଜଣେ ଅଧ୍ୟାପକ ଓ ମୋ ମଧ୍ୟରେ ତର୍କ ହୋଇଥିଲା । ସେ ମୋ ଛବିରେ ହାଲକା ସବୁଜ (ସ୍ୟାପ୍ ଗ୍ରୀନ୍) ରଙ୍ଗର ରଙ୍ଗବିନ୍ୟାସକୁ ନେଇ ଅଙ୍କିତ ମାରୁତି (ହନୁମାନ)ଙ୍କୁ ଲବ କୁଶ ବନ୍ଦୀ କରୁଥିବାର ସଜ୍ଜିକରଣକୁ ଦେଖି



ସିନ୍ଦୁରୀ ରଙ୍ଗର ଅନୁପସ୍ଥିତି, ତେଜହୀନ ଓ ସୁଢଳ ମାଂସପେଶୀ ବିହୀନ ହନୁମାନଙ୍କ ଛବି ଠିକ୍ ନୁହେଁ ବୋଲି କହିଥିଲେ । ଏଥିରେ ମୋର ପ୍ରତିକ୍ରିୟା ଥିଲା, – ଯଦି ହନୁମାନଙ୍କୁ ଦୁଇଟି ଶିଶୁ ବନ୍ଦୀ କରିପାରିଲେ, ତେବେ ତାଙ୍କୁ ଶକ୍ତିବାନ ଓ ତେଜସ୍ୱୀ କିପରି ଆଙ୍କି ପାରିବା ? ତେଣୁ ଏହି ପରିସ୍ଥିତିରେ ତାଙ୍କୁ ତେଜହୀନ ଏକ ବାନର ରୂପେ ମୁଁ ଆଙ୍କିଛି । ସବୁଠାରୁ ମଜା କଥା ହେଲା, ଶିବିରର ସଂଯୋଜକ ବିରେଶ୍ୱର ଭଟ୍ଟାଚାର୍ଯ୍ୟ ଓ ସ୍ଥାନୀୟ ଗଣମାଧ୍ୟମର ବନ୍ଧୁମାନେ ମୋ ତର୍କକୁ ତାରିଫ କରିଥିଲେ । ଶିବିରର ଶେଷ ଦିବସରେ ସେ ସମୟରେ ବିହାରର ମୁଖ୍ୟମନ୍ତ୍ରୀ ଶ୍ରୀ ଲାଲୁ ପ୍ରସାଦ ଯାଦବ ପ୍ରଦର୍ଶନୀ ପରିଦର୍ଶନ ସମୟରେ ସାମ୍ବାଦିକଙ୍କ ଆମ ତର୍କ ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତରରେ କହିଥିଲେ – ବଚ୍ଚେ କୁଛ କର ରହେ ହେଁ, ହମେ ଉସେ ସମଝ୍‌ନା ହେ । ତା ପରଦିନ ଖବର କାଗଜରେ ଲେଖା ବାହାରିଥିଲା – ବିହାରକୋ ଐସା ସୌଭାଗ୍ୟ ପହଲେ କଭି ନହିଁ ମିଲାଥା । ଅନ୍ୟ ଏକ ଘଟଣା କ୍ରମରେ ସଂସ୍କାର ଭାରତୀ ଦ୍ୱାରା ଅଖିଳ ଭାରତ କଳା ପ୍ରଦର୍ଶନୀ ରାଜସ୍ଥାନର ଜୟପୁରଠାରେ ୧୯୯୨ ରେ ଆୟୋଜିତ ହୋଇଥାଏ । ପ୍ରଦର୍ଶନୀର ବିଷୟ ବସ୍ତୁ ଥାଏ – ରାମ ରାଜ୍ୟ କି ପୁକାର୍ । ସେଥିରେ କ୍ୟାଟ୍ରିଜ୍ ପେପରରେ ମହମ ରଙ୍ଗ (ଅଏଲ ପେଷ୍ଟାଲ୍) ଦ୍ୱାରା ଅଙ୍କିତ ମୋର ମାଙ୍କଡ଼ଙ୍କ ଛବିକୁ ନେଇ ବିବାଦ ହୋଇଥିଲା । ସେଠାରେ ଆୟୋଜକ ବୟୋଜ୍ୟେଷ୍ଠ ବ୍ୟକ୍ତି ଜଣକ ଉତ୍କ୍ଷିପ୍ତ

ହୋଇ ମୋତେ ପଚାରିଥିଲେ - ରାମ ରାଜ୍ୟରେ ପ୍ରଜାମାନେ ମାଙ୍କଡ଼ ଭଳିଆ ହେବେ ବୋଲି ତୁମେ ଭାବିଛ କିପରି ? ମୁଁ କିଛି କହିବା ପୂର୍ବରୁ ସେଥିରେ ହସ୍ତକ୍ଷେପ କରି ଶୈଳେନ୍ଦ୍ରନାଥ ଶ୍ରୀବାସ୍ତବ ତାଙ୍କୁ ବୁଝେଇଥିଲେ ଯେ ଯେହେତୁ ଆମର ପୂର୍ବପୁରୁଷମାନେ ମାଙ୍କଡ଼ ଥିଲେ ତେଣୁ ଆମେ ମଧ୍ୟ ମାଙ୍କଡ଼ ଓ ଯୁବ ଶିଳ୍ପୀ ଜଣଙ୍କ ସାଧାରଣ ମଣିଷ ମାନଙ୍କର ସରଳତାକୁ ବୁଝେଇବାକୁ ଯାଇ କିଛି ମାଙ୍କଡ଼ଙ୍କ ଛବି ଆଙ୍କିଛନ୍ତି । ପରେ ମୁଁ ଜାଣିବାକୁ ପାଇଲି ଯେ ଶ୍ରୀ ଶୈଳେନ୍ଦ୍ରନାଥ ଶ୍ରୀବାସ୍ତବ ଉତ୍ତର ପ୍ରଦେଶର କୌଣସି ଏକ ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଦାୟିତ୍ୱରୁ ଅବସର ନେଇଛନ୍ତି ।

ଫୋବସ୍ ପତ୍ରିକା ମତରେ ଭାରତୀୟମାନେ ହୁସେନଙ୍କୁ ଭାରତର ପିକାସୋ ରୂପେ ମାନୁଥିଲେ । ସେ ୧୯୬୭ରେ ପ୍ରାମାଣିକ ଚଳଚ୍ଚିତ୍ର - ଥ୍ରୁ ଦି ଆଇଜ୍ ଅଫ୍ ଏ ପେଣ୍ଟର୍ ପାଇଁ ଗୋଲ୍ଡେନ ବିୟର ସମ୍ମାନ ବର୍ଲିନଠାରେ ଆୟୋଜିତ ଆନ୍ତର୍ଜାତିକ ସିନେ ମହୋତ୍ସବରେ ପାଇଥିଲେ ।

ସୁନେହରା ସଂସାର ତାଙ୍କ ପ୍ରଦର୍ଶିତ ହୋଇଥିବା ପ୍ରଥମ ଛବି ଅଟେ, ଯାହା ୧୯୪୭ ମସିହାରେ ବମ୍ବେ ଆର୍ଟ ସୋସାଇଟିର ବାର୍ଷିକ ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଥିଲା । ପରେ ପରେ ସେ ପ୍ରୋଗ୍ରେସିଭ୍ ଆର୍ଟିଷ୍ଟ ଗ୍ରୁପ୍‌ରେ ଯୋଗ ଦେଲେ । ତାଙ୍କ ଛବିରେ ଇମାଇଲ ନେଡେଲ, ଓସ୍କାର କୋକୋସକାଙ୍କ ଛବି ଓ ରୋଡିନ୍‌ଙ୍କ ଭାସ୍କର୍ଯ୍ୟ - ମ୍ୟାନ ଅଫ୍ କାଲାସିଆ ର ପ୍ରଭାବ ଦେଖିବାକୁ ମିଳିଥିଲା । ତାଙ୍କର ପ୍ରଥମ ଏକକ କଳା ପ୍ରଦର୍ଶନୀ ଜୁରିଚ୍ ଠାରେ ଅନୁଷ୍ଠିତ ହୋଇଥିଲା । କଳା ଜଗତରେ ତାଙ୍କର ମହାନ ଅବଦାନ ପାଇଁ ଭାରତ ସରକାର ତାଙ୍କୁ ୧୯୬୬ ମସିହାରେ ପଦ୍ମଶ୍ରୀ ସମ୍ମାନରେ ଭୂଷିତ କରିଥିଲେ । ସେହିପରି ୧୯୮୭ରେ ତାଙ୍କୁ ରାଜ୍ୟସଭାକୁ ୬ ବର୍ଷିଆ





ଅବଧି ପାଇଁ ମନୋନିତ କରାଯାଇଥିଲା ।

ଛବିରେ ନଗ୍ନତା ସମ୍ବନ୍ଧରେ ତାଙ୍କର ମତ ହେଲା - ହିନ୍ଦୁ ମତବାଦ ଅନୁସାରେ ଚିତ୍ର ବା ମୂର୍ତ୍ତୀରେ ଶ୍ରୀଙ୍ଗାର ରସ କଥା ହେଉ ବା ନଗ୍ନତା, ତାହା ପବିତ୍ରତାକୁ ବର୍ଜନା କରେ । ମୁଁ ଯେତେବେଳେ ୧୪ରୁ ୧୫ ବର୍ଷର ଥିଲି ବହୁତ ଭୟାନକ ସ୍ୱପ୍ନ ଦେଖୁଥିବାରୁ ରାତିରେ ଶୋଇବାକୁ ଡ଼ର ମାଡୁଥିଲା । ମୋତେ ବଡ଼ମାନେ ପବିତ୍ର ଗ୍ରନ୍ଥ ପଢ଼ିବାକୁ କହିଥିଲେ ।

ସେହି କ୍ରମରେ ମୋର ଶିକ୍ଷକ ହେଲେ ମହମ୍ମଦ ଇଷାକ୍ ଓ ମଙ୍କେଶ୍ୱର । ବିଭିନ୍ନ ପୁରାଣ, ଉପନିଷଦ, କାବ୍ୟାବଳୀ ଆଦି ପଢ଼ିଲା ପରେ ମୋର ଦୁଃସ୍ୱପ୍ନ ଦୋଷ ରହିଲା ନାହିଁ ଓ ରାତିରେ ଶାନ୍ତିରେ ଶୋଇପାରିଲି । ତାପରେ ମୋର ବେଶୀ ଆଗ୍ରହ ବଢ଼ିବାରୁ ଓ ମୋ ଗୁରୁ ମଙ୍କେଶ୍ୱର ହିମାଳୟ ଚାଲିଯିବାରୁ ମଝିରେ ମଝିରେ ଯାହା ବୁଝି ନପାରେ ସେ ସବୁକୁ ବୁଝିବା ପାଇଁ ବନାରସର କିଛି ସଂସ୍କୃତ ବିଦ୍ୱାନଙ୍କ ସାହାଯ୍ୟ ନେଇଥିଲି । ପରେ ପରେ ୧୯୬୫ରେ ଡଃ ରାମ ମନୋହର ଲୋହିୟାଙ୍କ ଅନୁରୋଧ କ୍ରମରେ ହାଇଦ୍ରାବାଦ ଠାରେ ୧୫୦ଟି କାନଭାସ୍ ଉପରେ ରାମାୟଣର ବିଷୟବସ୍ତୁ ଉପରେ ଆଙ୍କିଥିଲି ଓ ସେଥିପାଇଁ ମୋତେ ପ୍ରାୟତଃ ୮ ବର୍ଷ ସମୟ ଲାଗିଥିଲା । ସେହି ଛବି ଗୁଡ଼ିକ ଦେଖି ଜଣେ ସ୍ଥାନୀୟ ରୁଢ଼ିବାଦୀ ମୁସଲମାନ ମୋତେ ରାମାୟଣ ଛାଡ଼ି ଇସ୍‌ଲାମୀୟ ବିଷୟବସ୍ତୁକୁ ନେଇ ଛବି କରିବାକୁ କହିଥିଲେ । କିନ୍ତୁ ମୁଁ ରାଜି ହୋଇନଥିଲି । କାରଣ ମୋର ଅକ୍ଷରାଙ୍କନ (କ୍ୟାଲିଗ୍ରାଫି) ଭଲ ହେଉଥିଲେ ମଧ୍ୟ ଯଦି କିଛି ଭୁଲ୍ ଭଟକା ରହିଯାଏ ତେବେ ସେମାନେ ପୁରା ଛବିଟିକୁ ଚିରି ଦେବେ ବୋଲି ଡର ଥିଲା । ତେଣୁ ସହନଶୀଳ ହିନ୍ଦୁ ଧର୍ମ ଆଡ଼କୁ ମୁଁ ବେଶୀ ଢ଼ଳି ଯାଇଥିଲି ।

ମୁଁ ଜଣେ ମରାଠୀ ଚିତ୍ରକର ହୋଇଥିବାରୁ କୌଣସି ବଡ଼ ଛବି ବା କାମ କରିବା ପୂର୍ବରୁ ଗଣେଷଙ୍କ ଚିତ୍ରଟିଏ ଆଙ୍କିବାକୁ ଭଲପାଏ । ମୋ ଝିଅ ବାହାଘର ଉପଲକ୍ଷେ ତାର ନିମନ୍ତ୍ରଣ କାର୍ଡ ଉପରେ ମୁଁ ଶିବଙ୍କ କୋଳରେ ପାର୍ବତୀ ବସିଥିବାର ଚିତ୍ରଟିଏ ଛାପିଥିଲି । ଯାହା ପୃଥିବୀ ସାରା ଥିବା ମୋର ବନ୍ଧୁମାନଙ୍କ ପାଖକୁ ପଠାଇଥିଲି । ଆମର ଏଠି ନିଜର ମହାନ ସଂସ୍କୃତିରୁ କିଛି ନେବାକୁ ପୁରୁଣା କାଳିଆ ଲୋକ ବୋଲି ସଭିଏଁ ଟାହିଟାପରା କରନ୍ତି । ଆପଣମାନେ ଦେଖିଥିବେ ଆମ ପାଠ ବହିରେ ସେକ୍ସପିୟର୍ ଓ କେଟ୍‌ସଙ୍କ କଥା ଅଛି, କିନ୍ତୁ କାଳିଦାସଙ୍କର ନାହିଁ । ମୋ ସହ ଶୁଭଲକ୍ଷ୍ମୀ, ଜେ ଆର ଡ଼ି ଟାଟା ଓ ମଦର ତେରେସାଙ୍କୁ ସମ୍ମାନିତ କଲାବେଳେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଆମମାନଙ୍କୁ ନାଲି ରଙ୍ଗର ଟୋପି ପିନ୍ଧେଇଥିଲେ । ଏହା କଣ ଆମ ସଂସ୍କୃତି ?

ହୁସେନଙ୍କ ଛବିକୁ ନେଇ ଯାହା ସବୁ ବିବାଦୀୟ ପ୍ରକରଣ ଚାଲିଥିଲା, ସେଥିରେ ଧର୍ମ ଓ ସ୍ୱାଭିମାନକୁ ଯୋଡ଼ା ଯାଇ ବଢ଼େଇ ଚଢ଼େଇ ବହୁତ ହୋ ହଲ୍ଲା ହୋଇଗଲା । ସେଥିରେ ସେ ବିରକ୍ତ ହୋଇ ଭାରତଭଳି ଏକ ଶକ୍ତିଶାଳୀ ଗଣତନ୍ତ୍ରକୁ ଛାଡ଼ି ଏକ ଧର୍ମୀୟ ଆରବ ରାଷ୍ଟ୍ର କ୍ୱାତାରର ନାଗରିକ ହେବାକୁ ପସନ୍ଦ କରିଥିଲେ ।



ଏଥିରେ ଦୁଇଟି କାରଣ ଥିବା କଳା ଐତିହାସିକମାନେ କହନ୍ତି । ପ୍ରଥମଟି ହେଲା ସେ କହିବାକୁ ଚାହୁଁଥିଲେ ଯେ ଭାରତ ଏକ ଏପରି ରାଷ୍ଟ୍ର ଯାହା କ୍ୱାତାର ଠାରୁ ମଧ୍ୟ ଅଧିକ ରକ୍ଷଣଶୀଳ । ଦ୍ୱିତୀୟଟି ହେଲା ବୃଦ୍ଧାବସ୍ଥା ଯୋଗୁଁ ଶାରୀରିକ ଭାବେ ସେ ନିଜେ ଲଢ଼ିବା କିମ୍ବା ନିଜକୁ ରକ୍ଷା କରିବାରେ ସକ୍ଷମ ନଥିଲେ ।

ଯିଏ ଯେତେ ପ୍ରଶଂସା କରୁ ବା ନିନ୍ଦା କରୁ ଏହା ହିଁ ସତ୍ୟ ଯେ ତାଙ୍କର ଏକ ବିରାଟ ଅବଦାନ ରହିଛି ଭାରତୀୟ ସମକାଳୀନ କଳା ଆନ୍ଦୋଳନର ଧାରା, ପରିବର୍ତ୍ତନ ଓ ଗତି ନିର୍ଣ୍ଣୟ କରିବାରେ । ସେ ନିଜ ଛବିକୁ ଗୋଟିଏ ଗୋଟିଏ ସୁନ୍ଦରୀ ନାରୀ ରୂପେ ଗ୍ରହଣ କରୁଥିଲେ । ତେଣୁ ସେ କହନ୍ତି ମୋର ପ୍ରତିଟି ଛବି ମୋ ପାଇଁ ଗୋଟିଏ ଗୋଟିଏ ହସିନା ତେଣୁ ମୁଁ ଯେତେଦିନ ଯାଏଁ ବଞ୍ଚିଥିବି ତାକୁ ପ୍ରେମ କରୁଥିବି । ଏଠି ଖୋକା ଭାଇ (ମହାନ ଗାୟକ ଓ ସଂଗୀତକାର ସ୍ୱର୍ଗତ ଅକ୍ଷୟ ମହାନ୍ତି)ଙ୍କର କେଇ ପଦ ମନେ ପଡ଼ିଯାଏ । ତାଙ୍କ ଭାଷାରେ – ସମସ୍ତେ କହିବେ ଖୋକା ମଦ ପିଇ ପିଇ ମରିଗଲା, କିନ୍ତୁ ଖୋକାକୁ ପଚାରିଲେ ସେ କହିବ ପ୍ରେମ ମୋତେ ମାରିଦେଲା ।



ତେଣୁ ସେହି ପ୍ରେମିକ ପ୍ରବର ମାଧୁରୀ ଫିଦା ହୁସେନ୍ ମାଧୁରୀଙ୍କ ଠାରୁ ଆରମ୍ଭ କରି ତବୁ ପର୍ଯ୍ୟନ୍ତ ଅଭିନେତ୍ରୀମାନଙ୍କ ରୂପରେ ଫିଦା ହେବା ସଙ୍ଗେ ସଙ୍ଗେ ନିଜ ଛବି ଦ୍ୱାରା ଅନ୍ୟମାନଙ୍କୁ ମଧ୍ୟ ଫିଦା କରିଦେଉଥିଲେ । ସେ ତ ବିଦାୟ ନେଇଗଲେ କିନ୍ତୁ ପଛରେ ଛାଡ଼ିଗଲେ ମେଞ୍ଚାଏ ଅନ୍ୟମାନଙ୍କୁ, ଯିଏ ଦିନେ ତାଙ୍କୁ ଗାଳି କମ୍ବା ଫୁଲମାଳ ଦେଇଥିଲେ । ତାଙ୍କର ନିଧନ ଫଳରେ ଭାରତୀୟ ସମକାଳୀନ କଳା କ୍ଷେତ୍ରରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ ସର୍ବଦା ଅପୂରଣୀୟ ହୋଇ ରହିବ ।

ବି.କେ. ଆର୍ଟ କଲେଜ୍,
ଖଣ୍ଡଗିରି, ଭୁବନେଶ୍ୱର



ମସୀଜୀବୀର ଡାଏରୀ

# ଜିଇଁବାର ମୂଲ

ଲମ୍ବୋଦର ପ୍ରସାଦ ଦାସ

ଏହି ଭୁବନେଶ୍ୱରରେ ରିକ୍ସା ଟାଣି ଟାଣି ୨୫ ବର୍ଷ ବିତିଗଲା । ଏବେ ତାର ବୟସ ୫୦ ପାଖାପାଖି । ଜୀବନର ଆବୁଡ଼ାଖାବୁଡ଼ା ରାସ୍ତାରେ ଦୌଡ଼ି ଦୌଡ଼ି ସେ ହାଲିଆ ହୋଇଗଲାଣି, କିନ୍ତୁ ତା ସାଥିରେ ଥିବା ରିକ୍ସାଟି ଏଯାଏଁ ଥମି ନାହିଁ । ବେଳେ ବେଳେ ସେ ଧଇଁ ସଇଁ ହୋଇ କେଁ କଟର ଶବ୍ଦ କରେ । ଟିକେ ତେଲ ଦେଇ ଦେଲେ ପୁଣି ଗଡ଼ି ଚାଲେ । କିନ୍ତୁ, ତାର ଧଇଁ ସଇଁ ଆଉ ଭଲ ହେବାପରି ଲାଗୁନାହିଁ ।

– ଆବେ ଉଠେ · · · କଣ କି ବେ ମାଗଣା ଶୋଇବୁ । କାଲି ଫାଙ୍କି ଦେଲୁ । କାଲି ଆଉ ଆଜିର ମିଶେଇ ୨୦ ଟଙ୍କା ବାହାର କର । ନହେଲେ ଏଇଠୁ ଭାଗ୍ । ଧପ୍ ।

ଶବ୍ଦ ଶୁଣି ଅର୍ଜୁନ ଚମକି ପଡ଼ିଲା । ରାତି ୧୧ଟା କି ୧୨ଟା ହେବ । ଆଗରେ ରେଳବାଇ ପୁଲିସ । ୩ ଫୁଟର ଲମ୍ବା ବାଡ଼ିରେ ଦଦରା ରିକ୍ସାଟାକୁ ବାଡ଼ଉଥିଲା । ପ୍ଲାଟଫର୍ମ ଆଗ ପଡ଼ିଆରେ ରାତି ଶୋଇବା ଓ ଗ୍ରାହକ ପାଇଁ ଅପେକ୍ଷା କରିବାକୁ ୧୦ ଟଙ୍କା ଦେବାକୁ ପଡ଼େ । ଆଜି କେହି ଗ୍ରାହକ ମିଳିନଥିଲେ । ଗତକାଲିର ୨୦ ଟଙ୍କା ଥିଲା । ଖରାବେଳେ ୟୁନିଟ-୨ର ଈଶ୍ୱର ମନ୍ଦିରଟାରେ ଖାଇ ଦେଇ ଥିଲା । ରାତିରେ ଖାଇ ପାରିନି । ପାଖରେ ଟଙ୍କା କି ଦି ଟଙ୍କା ପଡ଼ିଚି । କିଛି ପ୍ରତିବାଦ କଲା ନାହିଁ ଅର୍ଜୁନ୍, ସେଠାରୁ ରିକ୍ସାଧରି ଚାଲି ଆସିଲା ପିଏମ୍‌ଜି ଆଡ଼କୁ । ପଛରୁ ଜଣେ ଡ଼ାକିଲା,

– ଏ ରିକ୍ସା । ଶହିଦ୍ ନଗର ଯିବୁ ?

– ହଁ ।

– କେତେ ନେବୁ ?

ରିକ୍ସାଟାକୁ ହାତରେ ଛୁଇଁ ମଥାରେ ଲଗାଇ ଅର୍ଜୁନ କହିଲା,

– ୩୦ ଟଙ୍କା ।

– ୩୦ ଟଙ୍କା ? କଣ ରାତିରେ ଡ଼ାକିଲି ବୋଲି ବ୍ଲାକ୍ ମେଲିଂ ? ତୋ ରିକ୍ସା ଡ଼ିଜେଲ କି ପେଟ୍ରୋଲରେ ଚାଲୁଛି କି ? ୧୦ ଟଙ୍କା ଦେବି ।

– ନା ବାବୁ । ୨୦ ଟଙ୍କାରୁ କମ୍ ହେଲେ ଯିବିନି, ଅର୍ଜୁନ କହିଲା । ଏତେ ରାତି ହେଲାଣି

–ନା ନା, ମୁଁ ୧୦ ଟଙ୍କାରୁ ଅଧିକ ଦେବିନି ।

ସେପଟୁ ଧାଏଁ କରି ଅଟୋଟିଏ ଆସି ବ୍ରେକ୍ କଷିଲା । ୧୦୦ ଟଙ୍କା ଦିଅ । ଲୋକଟି ବିନା ପ୍ରତିବାଦରେ ସେଥିରେ ବସି ଚାଲିଗଲା । ଦୀର୍ଘ ନିଃଶ୍ୱାସଟିଏ ପକାଇ ଅର୍ଜୁନ ମନେ ମନେ କହିଲା;

– କଣ ଡ଼ିଜେଲ ପେଟ୍ରୋଲର ମୂଲ ଅଛି । ମଣିଷ ଝାଳ ଆଉ ରକ୍ତର ମୂଲ କିଛି ନାହିଁ !

କିଛି ଦୂରରେ ଏକ ବଡ଼ ସୁଦୃଶ୍ୟ ପ୍ରଚାର ବୋର୍ଡ଼ଟି ଆଲୋକରେ ଝଲସି ଉଠୁଥିଲ· ରକ୍ତଦାନ ମହାପୂଣ୍ୟ । କାହାରିକୁ ବିନା ରକ୍ତରେ ମରିବାକୁ ଦେବୁ ନାହିଁ ।

ପୁଣି ପିଏମ୍‌ଜି ଆଡ଼େ ମୁହାଁଇଲା ଅର୍ଜୁନ । ଦୁଇପଟେ ଧାରଣା ତୋରଣ । ରାସ୍ତା ମଝିରେ ଏକ ବଡ଼ ମଞ୍ଚ । ୨ ଶହ ସରିକି ଲୋକ ଜମା ହୋଇଛନ୍ତି । ଗାଡ଼ିମୋଟର ବି ଭର୍ତ୍ତି । ଡ଼ିଜେଲ୍ ଦର ବୃଦ୍ଧି ପ୍ରତିବାଦରେ ଅମୁକ ଦଳର ବିକ୍ଷୋଭ । ବାଁ କଡ଼କୁ ୧୦–୧୫ ଲୋକ ନିଶାରେ ମାତାଲ୍ ହୋଇ ଠେଲାପେଲା ହେଉଥିଲେ, ଗାଳି ବି ଶୁଣା ଯାଉଥିଲା । ପାଖରେ ୨ –୩ଟା ପୋଲିସ ଭ୍ୟାନ୍ । ୧୦–୧୫ ପୁଲିସ ଚୁପଚାପ୍ ଠିଆ ହୋଇଥିଲେ । ଇନ୍ଦିରା ପାର୍କ ପାଖାପାଖି ପହଞ୍ଚିଲା ବେଳକୁ ଦୁଇ ଜଣ କନେଷ୍ଟବଳ ଡାକ ଛାଡ଼ିଲେ ।

– ଆବେ, ସେପଟେ କୁଆଡ଼େ ରାତିରେ । କାଲିଠୁ ପରା ଆସେମ୍ବ୍ଲି !

ଅର୍ଜୁନର ଶୁଖିଲା – ଭୋକିଲା ଦେହ ଥରି ଉଠୁଥିଲା । ଦୀର୍ଘଶ୍ୱାସ ଛାଡ଼ି ଆଲୁଅରେ ଝଲମଲ କରୁଥିବା ଆସେମ୍ବ୍ଲିର କୋଠା ଆଡ଼େ ଥରଟିଏ ଅନାଇ ପୁରୁଣା ବସ୍‌ଷ୍ଟାଣ୍ଡ୍ ଆଡ଼େ ମୁହାଁଇଲା ।



ମୀନକେତନ ପଟ୍ଟନାୟକ
ବି.କେ. ଆର୍ଟ କଲେଜ, ଖଣ୍ଡଗିରି
ଭୁବନେଶ୍ୱର



**Monkey** / drawing / water colour on paper / 2010 / at present available with the artist



**Monkey** / water colour on paper / 90cm x 75cm / 2010.
at present preserved at Orissa Modern Art Gallery, Bhubaneswar



ଆମ ସଂସ୍କୃତିର ଅନନ୍ୟ ପରଂପରା

# ନାରୀ ବେଶରେ ପୂଜା

ବିଦ୍ୟାଧର ପଣ୍ଡା

ଭାରତୀୟ ସମାଜ ଈଶ୍ୱର ବିଶ୍ୱାସୀ । ସେ ହୁଅନ୍ତୁ କୋଟିପତି ଅବା କୁଟୀର ଘରେ ରହୁଥିବା କପର୍ଦ୍ଦକ ଗରୀବ, ଫିଲ୍ମ ଷ୍ଟାର ହୁଅନ୍ତୁ ଅଥବା ଖେଳାଳୀ, ସମସ୍ତେ ଊଣାଧିକେ ଈଶ୍ୱର ବିଶ୍ୱାସୀ । ଘର ଛୋଟ ହେଉ ବା ବଡ଼ ସେଥିରେ ଠାକୁର ଘରଟିଏ ରହିବା ଯେପରି ଅନିବାର୍ଯ୍ୟ । ଏଠି ଉଡ଼ାଜାହାଜରେ ବସୁଥିବା ବ୍ୟକ୍ତିଠାରୁ ଆରମ୍ଭ କରି ରାସ୍ତାରେ ଖାଲିପାଦରେ ଚାଲୁଥିବା ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତେ କୌଣସି ନା କୌଣସି ଦେବାଦେବୀଙ୍କ ଭକ୍ତ, ନୋହିଲେ ଆଶୀର୍ବାଦ ପ୍ରାର୍ଥୀ ।

ଜୀବନର ପ୍ରତ୍ୟେକ ସୋପାନରେ ଭଗବତ୍ କୃପା ଆଶା କରି ନିଜ ଇଚ୍ଛା ପୂରଣ ପାଇଁ ଲୋକମାନେ  ବିଭିନ୍ନ ପ୍ରକାରର ମାନସିକ ରଖିବାର ଉଦାହରଣ ଅନେକ । ମାନସିକ ପୂରଣ ହେଲେ ପ୍ରତିଶୃତି ମୁତାବକ ଭକ୍ତ ମନ୍ଦିରରେ ଭୋଗ ଆଦି ସମର୍ପଣ କରିବା ସାଧାରଣ ଘଟଣା ।

ଭଗବାନଙ୍କ ଉଦ୍ଦେଶ୍ୟରେ ଦିଆଯାଉଥିବା ଏହି ଭୋଗ ବା ସମର୍ପଣ ବା ଭେଟି ବେଳେ ବେଳେ ନିହାତି ମାମୁଲି ହୋଇଥିବା ବେଳେ ସ୍ଥଳ ବିଶେଷରେ ଏହା ଖୁବ୍ ବିଚିତ୍ର ବି ହୋଇଥାଏ ।

ସାଧାରଣତଃ ଧର୍ମଧାରଣା ଥିବା ପ୍ରତ୍ୟେକ ବ୍ୟକ୍ତି ନିଜ ମନୋସ୍କାମନା ପୂରଣ ପାଇଁ ଭଗବାନଙ୍କ ଉପରେ ଭରସା ରଖନ୍ତି । ଆଉ ମାନସିକ ପୂରଣ ହେଲେ ଭକ୍ତମାନେ ଦେବାଦେବୀଙ୍କୁ ଧନ୍ୟବାଦ ଜଣାଇବା ଉଦ୍ଦେଶ୍ୟରେ କିଛି ଦାନ କରିବାର ଏକ ସମୃଦ୍ଧ ପରଂପରା ଚଳି ଆସୁଛି ଆମ ଦେଶରେ । କିଏ ମନ୍ଦିରକୁ ଯାଇ ପ୍ରତିମା ଉପରେ ବେଲପତ୍ର ଚଢ଼ାଉଛି ତ କିଏ ସ୍ୱର୍ଣ୍ଣ ବା ରୌପ୍ୟ ଅଳଙ୍କାରରେ ଦେବାଦେବୀଙ୍କୁ ମଣ୍ଡନ କରୁଛି । କିଏ ଠାକୁରଙ୍କୁ ଘୋଡ଼ା, ହାତୀ ଓ ଛତି ଦାନ କରୁଛି । ଆଉ କେହି ବଦାନ୍ୟ ବ୍ୟକ୍ତି ମନ୍ଦିରରେ ପ୍ରସାଦ ସେବନ ବ୍ୟବସ୍ଥା ଖଞ୍ଜୁଛନ୍ତି । ଏମିତି ଦେଖିବାକୁ

ଗଲେ ଭାରତର ବିଭିନ୍ନ ସ୍ଥାନରେ ସମର୍ପଣର ତାଲିକା ବେଶ୍ ଅଲଗା । କାରଣ ସ୍ଥାନ, କାଳ, ପାତ୍ର ଓ ନୀତିର ଭିନ୍ନତା । କେରଳର ଭଗବତୀ ଠାକୁରାଣୀଙ୍କ ପାଖରେ ମାନସିକ ରଖିଥିବା ବ୍ୟକ୍ତିଙ୍କୁ ଏକ ଭିନ୍ନ ଢ଼ଙ୍ଗରେ ପୂଜାର୍ଚ୍ଚନା କରିବାକୁ ହୁଏ । ଏଭଳି ପରଂପରା ଭାରତରେ ଅନ୍ୟ କୌଣସି ସ୍ଥାନରେ ଦେଖାଯାଏ ନାହିଁ ।

ଭାରତ ଏକ ବିଶାଳ ଦେଶ । ଭିନ୍ନ ଭିନ୍ନ ପ୍ରାନ୍ତରେ ଭଗବତ୍ ଚର୍ଚ୍ଚା ଭିନ୍ନ ଭିନ୍ନ ପ୍ରକାରର ହୋଇଥାଏ, ଏହି ସବୁ ଅନନ୍ୟ ପରଂପରାରେ ଥାଏ ଅନେକ ବିଚିତ୍ର ସମର୍ପଣର ପରଂପରା । ସେହିପରି ଏକ ପରଂପରା କେରଳର ଭଗବତୀ ଦେବୀ କୋଟ୍ଟନକୁଳଙ୍ଗରାଙ୍କ ପୀଠରେ କାହିଁ କେଉଁ କାଳରୁ ଚଳି ଆସୁଛି, ଯାହା ଦେଖିବାକୁ ଯେତେ ବିସ୍ମୟକାରୀ, ବିଶ୍ୱାସ କରିବା ତାଠୁ ଅଧିକ ଆଶ୍ଚର୍ଯ୍ୟଜନକ । ଶୁଣିଲେ ଅବିଶ୍ୱସ୍ୟ ହେଉଥିଲେ ସୁଦ୍ଧା ଏହି ନିଆରା ପରଂପରା ଅନ୍ତର୍ଗତ ପୁରୁଷ ଭକ୍ତ ମାନେ ସ୍ତ୍ରୀ ବେଶରେ ସଜ୍ଜିତ ହୋଇ ମାଙ୍କ ପୂଜାର୍ଚ୍ଚନା କରନ୍ତି ।

ପ୍ରତିବର୍ଷ ଗ୍ରୀଷ୍ମଋତୁରେ କେରଳର କୋଲ୍ଲମ୍ ଜିଲ୍ଲାରେ ଥିବା କୋଟ୍ଟନକୁଳଙ୍ଗରା ମନ୍ଦିର ହୋଇଉଠେ ଚଳଚଞ୍ଚଳ । ବର୍ଷର ଏହି ସମୟରେ ଏହି ମନ୍ଦିରରେ ଆୟୋଜିତ ହୁଏ ବହୁଚର୍ଚ୍ଚିତ ଚମୟାଭିଲାଙ୍କୁ ଉତ୍ସବ । ବହୁ ସଂଖ୍ୟାରେ ଜମା ହୁଅନ୍ତି ମାନସିକ ପୁରଣ ହୋଇଥିବା ପୁରୁଷ ଭକ୍ତ । ଆଉ ସେମାନେ ଧାରଣ କରନ୍ତି ମହିଳା ବେଶ । ଏହି ବେଶରେ ଚାଲେ ଖୋଲା ରାସ୍ତାରେ ଶୋଭାଯାତ୍ରା । ପୁରୁଷ ଭକ୍ତମାନେ ମହିଳା ରୂପରେ ଶୋଭାଯାତ୍ରା କରି ମନ୍ଦିରକୁ ଯାଆନ୍ତି । ସେମାନେ ପିନ୍ଧିଥାନ୍ତି ଶାଢ଼ୀ ଓ ଚୁଡ଼ିଦାର କମିଜ । ମଥାରେ ଥାଏ ଟିକିଲି ବା ସିନ୍ଦୁର ଟୋପା । ନିଜକୁ ମହିଳା ବେଶରେ ସଜାଇ ପୁରୁଷମାନେ ମନ୍ଦିରକୁ ଯିବା ବେଳେ ଏକ ବିଶେଷ ଦୃଶ୍ୟ ସୃଷ୍ଟି ହୁଏ । ଏହି ଯାତ୍ରା ଦେଶବିଦେଶର ପର୍ଯ୍ୟଟକଙ୍କୁ ଚକିତ କରିବା ସହ ଭରପୁର ଆନନ୍ଦ ଦେଇଥାଏ ।

କିମ୍ବଦନ୍ତୀ କହେ ଯେ ଚମୟାଭିଲାଙ୍କୁ ଉତ୍ସବ କେତେକ ଗାଇଆଳ ପିଲାଙ୍କ ଥଟ୍ଟାମଜାରୁ ଆରମ୍ଭ ହୋଇଛି । ବହୁ ବର୍ଷ ତଳେ କିଛି ଗାଇଆଳ ପିଲା ମଜାରେ ମଜାରେ ଝିଅ ବେଶ ହୋଇ ଗୋଟିଏ

ପଥରଙ୍କୁ ଫୁଲ ଓ ନଡ଼ିଆରେ ତିଆରି କୋଟ୍ଟନ (କୋରା) ଭୋଗ ଆଦି ଦେଇ ପୂଜା କରୁଥିଲେ । ହେଲେ ଦେବୀ ଭଗବତୀ ସେମାନଙ୍କ ପୂଜାରେ ସନ୍ତୁଷ୍ଟ ହେଲେ । ଦେବୀ ସେମାନଙ୍କ ମଧ୍ୟରୁ ଜଣେ ପିଲା ଆଗରେ ସ୍ୱଶରୀରେ ଉପସ୍ଥିତ ହୋଇଥିଲେ । ପିଲାମାନେ ଦେବୀଙ୍କୁ ସ୍ୱଚକ୍ଷୁରେ ଦର୍ଶନ କରି ଭକ୍ତିରେ ଗଦଗଦ ହେଲେ । ସେବେଠାରୁ ସେଠାରେ ପ୍ରତିବର୍ଷ ଏଭଳି ଉତ୍ସବର ଆୟୋଜନ କରାଯାଉଛି । କେତେଜଣ ପିଲାଙ୍କ ଖିଆଲ ପର୍ବରୁ ଏହା ଏବେ ଏକ ଗଣପର୍ବରେ ପରିଣତ ହୋଇଛି ।

ପ୍ରଥମେ ପ୍ରଥମେ ଏହି ପର୍ବ ବର୍ଷରେ ଦିନଟିଏ ମାତ୍ର ପାଳନ କରାଯାଉଥିବା ବେଳେ ସମୟକ୍ରମେ ଏହି ପର୍ବର ସମୟସୀମା ବୃଦ୍ଧିପାଇଛି । ଏବେ ୧୯ ଦିନ ପାଇଁ ଏହି ପର୍ବ ପାଳନ କରାଯାଉଛି । କିନ୍ତୁ ପର୍ବର ଶେଷ ଦୁଇ ଦିନ ସବୁଠାରୁ ଅଧିକ ଭିଡ଼ ପରିଲକ୍ଷିତ ହୁଏ । ଏହି ଦୁଇ ଦିନ ହଜାର ହଜାର ଭକ୍ତ ମହିଳା ବେଶରେ ଦେବୀଙ୍କ ପୂଜାର୍ଚ୍ଚନା କରନ୍ତି । ହାତରେ ଧରିଥାନ୍ତି ଅଣ୍ଟାଏ ଉଚ୍ଚର କାଷ୍ଠ ନିର୍ମିତ ଦୀପ ଦଣ୍ଡ । ସେଥିରେ ଥାଏ ଜଳନ୍ତା ଦୀପ । ପ୍ରତିବର୍ଷ ଭକ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଚଳିତ ବର୍ଷ ମାର୍ଚ୍ଚ ମାସରେ ପଡ଼ିଥିବା ଏହି ପର୍ବରେ ୪ ହଜାରରୁ ଅଧିକ ପୁରୁଷ ମନ୍ଦିର କର୍ତ୍ତୃପକ୍ଷଙ୍କ ଠାରୁ କୁପନ୍ ନେଇ ଦେବୀଙ୍କ ପୂଜା କରିଛନ୍ତି ।

ସବୁଠୁ ମଜା କଥା ହେଉଛି ଏହି ପର୍ବରେ ମହିଳାଙ୍କ ବେଶ ପୋଷାକ ହେବା ପାଇଁ ପୁରୁଷ ଭକ୍ତମାନଙ୍କୁ କେଉଁଆଡ଼େ ଯିବାକୁ ପଡ଼େ ନାହିଁ । ମନ୍ଦିରରେ ମହିଳା ପୋଷାକ ସମ୍ଭାରକୁ ନେଇ କେତେ ଷ୍ଟଲ୍ ଖୋଲେ । ପୁଣି ପୁରୁଷ ମାନଙ୍କୁ ନାରୀ ବେଶରେ ସଜାଇବାକୁ ସେଇ ମନ୍ଦିର ପରିସର ଭିତରେ ଉପସ୍ଥିତ ଥାଆନ୍ତି ବ୍ୟୁଟିସିଆନ୍ । ବାସ୍, ଶାଢ଼ୀରୁ ଚୁଡ଼ିଦାର ଯାହାର ଯେମିତି ପସନ୍ଦ ସେଇ ପୋଷାକ ପିନ୍ଧି ନିଅନ୍ତି । ଆଉ ତାପରେ ଆରମ୍ଭ ହୁଏ ମନ୍ଦିରରେ ଏକ ଅନୁପମ ଉତ୍ସବ ।

କେରଳର କୋଲ୍ଲମ୍ ଜିଲ୍ଲା ମୁଖ୍ୟାଳୟ (କୋଲ୍ଲମ) ଠାରୁ ମାତ୍ର ୧୩ କିମି ଦୂରରେ ଅବସ୍ଥିତ ଚଭରା ନିକଟରେ କୋଟନକୁଳଙ୍ଗରା ଦେବୀଙ୍କ ଏହି ପ୍ରସିଦ୍ଧ ମନ୍ଦିର ରହିଛି । ଏହି ମନ୍ଦିର ବାବଦରେ ଅନେକ କିମ୍ବଦନ୍ତୀ ଜନମୁଖରେ ପ୍ରଚଳିତ ରହିଛି । ଏପରିକି ଦେବୀ ରୂପରେ ପୂଜା ପାଉଥିବା ପଥର ଦିନକୁ ଦିନ

ବୃଦ୍ଧି ପାଉଥିବା କଥା ଶ୍ରଦ୍ଧାଳୁ ମାନେ କହନ୍ତି । ବାସ୍ତବତା ଯାହା ହେଉନା କାହିଁକି, ୧୯ ଦିନ ଧରି ଚାଲୁଥିବା ଏହି ଉତ୍ସବ ଶ୍ରଦ୍ଧାଳୁ ଓ ଦେଖଣାହାରୀଙ୍କ ପାଇଁ ବେଶ ଆମୋଦକର ହୋଇଥାଏ ।

ଅଢେଇଗୁଣ୍ଡି, କାନପୁର, କଟକ - ୭୫୪୦୩୭



# ଭାରତ ଏବଂ ଫୁଟବଲ୍ ବିଶ୍ୱକପ୍

ସ୍ମୃତି ରଞ୍ଜନ ନାଥ

ଆମ ଦେଶ ଭାରତ ସ୍ୱାଧୀନ ହୋଇ ୬୪ ବର୍ଷ ବିତିଗଲାଣି । ଏହି ଦୀର୍ଘ ସମୟ ମଧ୍ୟରେ ଆମେ ଅନେକ କୀର୍ତ୍ତିମାନ ସ୍ଥାପନ କରି ସାରିଲେଣି, ବହୁ ଗର୍ବ ଗୌରବ ଦେଶପାଇଁ ଆଣି ସାରିଲେଣି, କିନ୍ତୁ ଗୋଟିଏ କ୍ଷେତ୍ରରେ ଆମେ ପଛରେ ପଡ଼ି ଯାଇଛୁ ଏବଂ ସେଇଟି ହେଉଛି ଅନ୍ତରାଷ୍ଟ୍ରୀୟ ଫୁଟବଲ ସଂଘ ଫିଫା ଦ୍ୱାରା ଆୟୋଜିତ ହେଉଥିବା ଫୁଟବଲ ବିଶ୍ୱକପ୍‌ରେ ଅଂଶ ଗ୍ରହଣ କରିବା । ଆଜି ପର୍ଯ୍ୟନ୍ତ ସମଗ୍ର ଦେଶବାସୀ ଭାରତକୁ ବିଶ୍ୱକପ୍ ଫୁଟବଲରେ ଅଂଶ ଗ୍ରହଣ କରୁଥିବାର ଦେଖିବାକୁ ଚାହୁଁଛନ୍ତି । ଫୁଟବଲ ବିଶ୍ୱର ସର୍ବାଧିକ ରାଷ୍ଟ୍ର ଖେଳୁଥିବା ଲୋକପ୍ରିୟ ଏବଂ ରୋମାଞ୍ଚକର କ୍ରୀଡ଼ା । କ୍ରିକେଟ୍ ବିଶ୍ୱକପ୍ ପରି ଫୁଟବଲ ବିଶ୍ୱକପ୍ ପ୍ରତି ଚାରି ବର୍ଷରେ ଥରେ ଅନୁଷ୍ଠିତ ହୁଏ । ଏଥିରେ ଭାଗ ନେବାପାଇଁ ପ୍ରତି ରାଷ୍ଟ୍ରକୁ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଖେଳିବାକୁ ପଡ଼େ । ଏବଂ ସେଥିରୁ ଶ୍ରେଷ୍ଠ ୩୧ ଟି ଦେଶ ଯୋଗ୍ୟତା ଅର୍ଜନ କରନ୍ତି । ଏବଂ ୩୨ତମ ଦଳ ଭାବରେ ଆୟୋଜକ ରାଷ୍ଟ୍ର ଯୋଗ୍ୟତା ଅର୍ଜନ କରେ । ୨୦୦୬ ମସିହା ଫୁଟବଲ ବିଶ୍ୱକପ୍ ପାଇଁ ତ୍ରିନିଦାଦ ଓ ଟବାଗୋ ପରି ଏକ କ୍ଷୁଦ୍ର ଓ ଅନୁନ୍ନତ (ଦ୍ୱୀପ) ରାଷ୍ଟ୍ର ଯୋଗ୍ୟତା ହାସଲ କରି ପାରିଥିଲା କିନ୍ତୁ ଅତ୍ୟନ୍ତ ଦୁଃଖର ବିଷୟ, ବିଶ୍ୱର ଦ୍ୱିତୀୟ ଜନବହୁଳ ଏବଂ ବିକାଶଶୀଳ ରାଷ୍ଟ୍ର ଭାବେ ପରିଚିତ ୧୨୧ କୋଟି ଜନତା ବିଶିଷ୍ଟ ଭାରତ ଆଜି ପର୍ଯ୍ୟନ୍ତ କୌଣସି ଫୁଟବଲ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟତା ହାସଲ କରି ପାରିଲା ନାହିଁ ।

ଭାରତ ତାର ରାଷ୍ଟ୍ରୀୟ ଖେଳ ହକିରେ ଆଠଥର ଅଲଂପିକ୍ ସ୍ୱର୍ଣ୍ଣପଦକ ହାସଲ କରିଛି, କ୍ରିକେଟରେ ସଦ୍ୟ ସମାପ୍ତ ବିଶ୍ୱକପକୁ ମିଶାଇ ଦୁଇଥର ବିଶ୍ୱ ବିଜେତା ହୋଇ ସାରିଛି କିନ୍ତୁ ଫୁଟବଲରେ ସେହିପରି

ଗୌରବର ନିକଟବର୍ତ୍ତୀ ହୋଇପାରି ନାହିଁ ।

ଏହି ବିଫଳତାର ଅନେକ କାରଣ ଅଛି ଯଥା ପ୍ରତିଭାର ଅଭାବ, ଆନୁସଙ୍ଗିକ ସୁବିଧା ସୁଯୋଗର ଅଭାବ, ପ୍ରୋତ୍ସାହନର ମଧ୍ୟ ଅଭାବ ପରିଲକ୍ଷିତ ହେଉଅଛି । କିନ୍ତୁ ଏହି ବିଫଳତା ପାଇଁ ଖେଳୁଥିବା ୧୧ ଜଣ ଖେଳାଳୀ କିମ୍ବା କୋଚ୍ ଦାୟୀ ନୁହନ୍ତି ବରଂ ସମଗ୍ର ଦେଶବାସୀ ଦୋଷୀ ଅଟନ୍ତି ।

ସମଗ୍ର ବିଶ୍ୱରେ ମାତ୍ର ଚଉଦଟି ଦେଶ ଖେଳୁଥିବା କ୍ରିକେଟ୍ ଖେଳରେ ଆମ ଦେଶକୁ ସମର୍ଥନ କରିବା ପାଇଁ ଅଫିସ୍, ସ୍କୁଲ୍, କଲେଜ ଓ ଅନ୍ୟାନ୍ୟ ଜରୁରୀ କାର୍ଯ୍ୟ ବନ୍ଦ କରିଦିଅନ୍ତି କିନ୍ତୁ ଫୁଟବଲ କଥା ପଡ଼ିଲେ ସ୍ପୃହା ଏକ ଦଶମାଂଶ ବି ରହେ ନାହିଁ । ଭାରତୀୟ କ୍ରିକେଟ ଦଳ କୌଣସି ମ୍ୟାଚ ଜିତିଲେ ଆମେ ଖୁସିରେ ଦୀପାବଳୀ ପରି ପର୍ବର ମାହୋଲ କରିଦେଉ, କ୍ରିକେଟର ମାନଙ୍କୁ ଭଗବାନ ପରି ମନ୍ଦିରରେ ମୂର୍ତ୍ତି ତିଆରି କରି ପୂଜା କରୁ, ତାଙ୍କୁ ସ୍ୱାଗତ କରିବାପାଇଁ ଆମ୍ଭେମାନେ ବିମାନ ବନ୍ଦର ଚାରିପଟେ ଭିଡ଼ ଜମାଇ ଦେଉ, ବିଭିନ୍ନ ରାଜ୍ୟ ସରକାର, କେନ୍ଦ୍ର ସରକାର ଏବଂ ବିଭିନ୍ନ କ୍ରୀଡ଼ା ସଂସ୍ଥା ପୁରସ୍କାରର ବର୍ଷା କରି ଦିଅନ୍ତି । କିନ୍ତୁ ଫୁଟବଲ ଖେଳାଳୀଙ୍କୁ କେହି ଚିହ୍ନନ୍ତି ବି ନାହିଁ । ଗତ ଫୁଟବଲ ବିଶ୍ୱକପ ୨୦୧୦ ସମୟରେ ଭାରତର ତାରକା ଷ୍ଟ୍ରାଇକର୍ ତଥା ଅଧିନାୟକ ବାଇଚୁଙ୍ଗ୍ ଭୁଟିଆଙ୍କୁ ଯେତେବେଳେ ପ୍ରଶ୍ନ କରାଗଲା, – ଭାରତ କେବେ ଫୁଟବଲ ବିଶ୍ୱକପ୍‌ରେ ଭାଗ ନେବ ? ସେ ଏହାର ଉତ୍ତରରେ କହିଥିଲେ – ପ୍ରଥମେ ଆମକୁ ଆନୁସଙ୍ଗିକ ଭିତ୍ତିଭୂମିର ବିକାଶ ପାଇଁ ବିଶେଷ ଧ୍ୟାନ ଦେବାକୁ ପଡ଼ିବ । ଏବଂ ଏହା ସହିତ ଦେଶରେ ଫୁଟବଲ ସକାଶେ ଏକ କ୍ରୀଡ଼ା ସଂସ୍କୃତି ବିକାଶ କରିବାକୁ ପଡ଼ିବ ।

ଉନ୍ନତମାନର କ୍ରୀଡ଼ା ପ୍ରଦର୍ଶନ ବଦଳରେ ଯଦି ପ୍ରତ୍ୟେକ ଖେଳାଳୀ ଆନୁସଙ୍ଗିକ ସୁବିଧା ସୁଯୋଗ ଉପରେ ଧ୍ୟାନ ଦେବେ, ତେବେ ଭାରତ କେବେ ହେଲେ ବିଶ୍ୱକପ୍ ଖେଳିପାରିବ ନାହିଁ । ପ୍ରତ୍ୟେକ ଖେଳାଳୀଙ୍କୁ ଟୋବାଗୋ ଓ ତ୍ରିନିଦାଦ ପରି ରାଷ୍ଟ୍ରଠାରୁ ପ୍ରେରଣା ହାସଲ କରିବା ଉଚିତ । ଫୁଟବଲ ମହାସଂଗ୍ରାମର କର୍ମକର୍ତ୍ତାଙ୍କୁ ବି ମୋର ବିନମ୍ର ଅନୁରୋଧ ସେମାନେ ପ୍ରତିଭା ଅନ୍ୱେଷଣ ଓ ଆନୁସଙ୍ଗିକ ସୁବିଧା ସୁଯୋଗର ବିକାଶ ଦିଗରେ କାର୍ଯ୍ୟ କରନ୍ତୁ ।

ଶେଷରେ ଭାରତ ସରକାରଙ୍କୁ ମଧ୍ୟ ମୋର ବିନମ୍ର ଅନୁରୋଧ ଯେଉଁ ପୁରସ୍କାର ରାଶି ବାବଦ ଅର୍ଥ କ୍ରିକେଟରଙ୍କୁ ପ୍ରଦାନ କରୁଛନ୍ତି, ସେହି ଅର୍ଥକୁ ଫୁଟବଲ କ୍ରୀଡ଼ାର ବିକାଶ ଦିଗରେ ଖର୍ଚ୍ଚ କଲେ ବହୁ କ୍ରୀଡ଼ା ପ୍ରତିଭା ସାମନାକୁ ଆସି ପାରନ୍ତେ । ପ୍ରତ୍ୟେକ ଖେଳାଳୀ କ୍ରୀଡ଼ା ସଂଗଠନ ଓ ଭାରତ ସରକାର


ମିଳିତ ଭାବରେ ଦେଶବାସୀଙ୍କ ଆଶା ଓ ଆକାଂକ୍ଷାକୁ ଆଖି ଆଗରେ ରଖି କର୍ଯ୍ୟ କରିଲେ ପ୍ରତ୍ୟେକ ଦେଶବାସୀଙ୍କ ସ୍ୱପ୍ନ ଦିନେ ନିଶ୍ଚୟ ପୂରଣ ହେବ ନଚେତ୍ ଅପେକ୍ଷା କରିବା ଯେ କେବେ ଯୋଗ୍ୟତା ପର୍ଯ୍ୟାୟ ନ ଖେଳି ସିଧାସଳଖ ବିଶ୍ୱକପ୍ ଖେଳିବାକୁ ଫିଫା ଆମନ୍ତ୍ରଣ କରିବ ।

---

ଓଡ଼ିଆ ପତ୍ର ପତ୍ରିକା ସମୀକ୍ଷା

# ବ୍ୟଙ୍ଗବାଣୀ

ଓଡ଼ିଶାରେ ପ୍ରକାଶିତ ପତ୍ର ପତ୍ରିକା ମାନଙ୍କ ମଧ୍ୟରେ ବ୍ୟଙ୍ଗ ପତ୍ରିକାର ସଂଖ୍ୟା ନଗଣ୍ୟ, ଏବଂ ଯେଉଁ କେଇଜଣ ସାହିତ୍ୟର ଏହି ବିଭାଗକୁ ଆପଣେଇଛନ୍ତି ସେମାନେ କାଁ ଭାଁ କେଉଁଠି ସାହିତ୍ୟ ଆସରରେ ହେଉ ଅବା କବି ସମ୍ମିଳନୀରେ ହେଉ ନିଜ ଦ୍ୱାରା ଲିଖିତ ଶାଣିତ ବ୍ୟଙ୍ଗର ଉପସ୍ଥାପନ କରି ଖୁସି ହୋଇଯାଆନ୍ତି । କଦବା କ୍ୱଚିତ୍ କେଉଁ କେଉଁ ପତ୍ର ପତ୍ରିକାରେ ସେମାନଙ୍କର ଲେଖାଟିଏ ପ୍ରକାଶ ହେଲେ ଯାହା ଆନନ୍ଦିତ ହୋଇଥାନ୍ତି । ଯେତେବେଳେ ସାଧାରଣ ସାହିତ୍ୟିକଙ୍କ ଅବସ୍ଥା ଦୁର୍ବଳ, ସେତେବେଳେ ବ୍ୟଙ୍ଗକାରଙ୍କୁ କିଏ ପଚାରେ ? ତଥାପି ଓଡ଼ିଆ ଭାଷାରେ ବ୍ୟଙ୍ଗକୁ ନେଇ ଏକ ସ୍ୱୟଂସଂପୂର୍ଣ୍ଣ ପତ୍ରିକାର ଅବତାରଣା ନିଶ୍ଚୟ ଭାବେ ସ୍ୱାଗତଯୋଗ୍ୟ ପଦକ୍ଷେପ ।




ବ୍ୟଙ୍ଗବାଣୀର ଅପ୍ରେଲ-ଜୁନ୍ - ୨୦୧୧ ସଂଖ୍ୟା ଆମର ହସ୍ତଗତ ହେବାପରେ ଏହାର ପୃଷ୍ଠା ସବୁକୁ ତନ୍ନ ତନ୍ନ କରି ଦେଖିପକାଇଲି । ପୁସ୍ତିକାର ପ୍ରଚ୍ଛଦରେ କାର୍ଟୁନ୍ ଚରିତ୍ର ମିଷ୍ଟର ବିନ୍‌ଙ୍କ ବ୍ୟଙ୍ଗଚିତ୍ର

ଦ୍ୱାରା ସଜାଇ ଦିଆଯାଇଛି । କଥାରେ ଅଛି, ଘରର ଭିତରର ବାତାବରଣର ଝଲକ ଦୁଆର ବନ୍ଧ ପାଖରୁ ହିଁ ମିଳିଥାଏ, ସେହି ନ୍ୟାୟରେ ବ୍ୟଙ୍ଗବାଣୀର ପ୍ରଚ୍ଛଦରେ ଥିବା ଚିତ୍ର ପୁସ୍ତିକା ଭିତରେ ଥିବା ଶାଣିତ ବ୍ୟଙ୍ଗର କିଞ୍ଚିତ୍ ଧାରଣା ଦେଉଛି ।

ପତ୍ରିକାଟି ପ୍ରତି ତିନି ମାସରେ ଅର୍ଥାତ୍ ବର୍ଷରେ ଚାରିଥର ପ୍ରକାଶିତ ହେଉଛି । ଏହାର ଦାମ ମାତ୍ର ୧୨ ଟଙ୍କା ଦେଖି ଆଶ୍ଚର୍ଯ୍ୟ ହେଲି । ଏତେ କମ ଦାମରେ ଏପରି ଏକ ଉନ୍ନତ ମାନର ପତ୍ରିକାର ପ୍ରକାଶନ କିପରି ସମ୍ଭବ ହେଉଛି ତାହା ନିଶ୍ଚୟ ଆଶ୍ଚର୍ଯ୍ୟଜନକ ।

ପତ୍ରିକା ଭିତରେ ପାଇଲି ହାସ୍ୟରସର ବିଭିନ୍ନ ପ୍ରକାରର ଉପସ୍ଥାପନା ଶୈଳୀରେ ପ୍ରକାଶିତ ୩୦ଟି କୃତୀ । ଓଡ଼ିଶାର ଲବ୍ଧପ୍ରତିଷ୍ଠିତ ହାସ୍ୟକାର ମାନଙ୍କ କୃତୀରେ ସମୃଦ୍ଧ ଏହି ପୁସ୍ତିକାଟି ବାସ୍ତବିକ ଚମତ୍କାର ହୋଇଛି ବୋଲି କହିହେବ ।

ସଂପାଦକୀୟ ପୃଷ୍ଠାରେ ଅନ୍ଧ ବୋଲେ ନାହାନ୍ତି ଚନ୍ଦ୍ର ସୂର୍ଯ୍ୟ ଲେଖାଟି ବହୁତ ମର୍ମସ୍ପର୍ଶୀ ହୋଇଛି । ଅବଶ୍ୟ ଏଥିରେ ସଂପାଦକଙ୍କ ବ୍ୟକ୍ତିଗତ ମାନ ଅଭିମାନର ଛାପ ସୁସ୍ପଷ୍ଟ ଦେଖାଯାଉଛି । ତଥାପି ଓଡ଼ିଶା ପରି ଏକ କ୍ଷୁଦ୍ର ପ୍ରଦେଶରେ ହାତଗଣତି କେଇଜଣ ବ୍ୟଙ୍ଗକାରଙ୍କ ଉପସ୍ଥିତିରେ ପରସ୍ପର ମଧ୍ୟରେ ଥିବା ମତଭେଦକୁ ସଂପାଦକ ନିଜର ଏହି ଲେଖା ଦ୍ୱାରା ସୁନ୍ଦର ଭାବରେ ଉପସ୍ଥାପିତ କରିଛନ୍ତି ।

ପୁସ୍ତିକାଟିର ବିଭିନ୍ନ ବିଭାଗ ଯଥା ମଙ୍ଗଳାଚରଣ, ପୁରୁଣାସୁନା, ବ୍ୟଙ୍ଗତତ୍ତ୍ୱ, ଚିକ୍କଣ କଥା, ଗପ, ବ୍ୟଙ୍ଗ ଚର୍ଚ୍ଚା, କବି ଲଢ଼େଇ, ଭାଷା ବଦଳି, ବିକଳା ସଂସ୍କୃତି, ପ୍ରହସନ, ନୂଆ ବିଛୁଆତି, ବ୍ୟଙ୍ଗ ମିଡ଼ିଆ ଓ ବିସମ୍ବାଦ ଉନ୍ନତ କିସମର ବ୍ୟଙ୍ଗ କୃତୀରେ ପରିପୂର୍ଣ୍ଣ ।

ପୁସ୍ତିକାଟିରେ ବ୍ୟଙ୍ଗକବି ସତ୍ୟାନାଶ, ମି· ଗାଲୁମାଧବ, ଫତୁରନନ୍ଦ, ଉତ୍କଳଘଣ୍ଟ ଯଦୁମଣି ମହାପାତ୍ର, ରାଧୁ ମିଶ୍ର, ଡଃ ମୃଣାଳ ଚାଟାର୍ଜୀ, ଭିକାରୀ ରଥ, ଦେବାଶିଷ ଚକ୍ରବର୍ତ୍ତୀ, ଅଞ୍ଚଦୈତ୍ୟ, ଶ୍ରୀମାନ୍ ସର୍ବଗିଳା, ଡ· ଦେବାଶିଷ ମହାପାତ୍ର, ମନୋରଞ୍ଜନ ସାହୁ, ଡମ୍ବରୁବାବା, ସୀତାରାମ ପଣ୍ଡା, ଗନ୍ତାୟତ ଶିବ ପ୍ରସାଦ, ମୀନାକ୍ଷୀ ରାଉତରାୟ, ଶୈଳ ଚତୁର୍ବେଦୀ, ଡ· ନଖିଆ ତିହାଡ଼ି, ଡ· ରମାକାନ୍ତ ମହାପାତ୍ର, ଡଃ କୁଳାଙ୍ଗାର, ହାସ୍ୟବିଦୂଷୀ ପଙ୍କଜିନୀ ଦାଶ, ବିପିନ ବିହାରୀ ସାହୁ, ସତୀଶ ଚନ୍ଦ୍ର ବେହେରା, ହଠାତ୍ କବି ରାମକୃଷ୍ଣ, ସୁଜିତ୍ ଶତପଥୀ ଇତ୍ୟାଦିଙ୍କ ଲେଖା ପ୍ରକାଶ

ପାଇଛି ।

ପତ୍ରିକାଟିରେ ପ୍ରକାଶିତ ପ୍ରାୟ ପ୍ରତ୍ୟେକ ଲେଖା ହାସ୍ୟରୋଳ ସୃଷ୍ଟି କରିବାରେ ସକ୍ଷମ ଏଥିରେ ସନ୍ଦେହ ନାହିଁ । ପତ୍ରିକାର ପ୍ରାରମ୍ଭରେ ମି· ଗାଲୁମାଧବଙ୍କ କ୍ରିକେଟାଷ୍ଟକଂ କ୍ରିକେଟ ଖେଳକୁ ଏକ ନୂତନ ରୂପରେ ପରିବେଷଣ କରୁଛି । ଫତୁରାନନ୍ଦଙ୍କ ରଚିତ ଲଣ୍ଡଟକ ସାହିନ୍ଦିର ଅନନ୍ୟ କୃତି । ଶ୍ରୀଯୁକ୍ତ ସତ୍ୟାନାଶଙ୍କ ରଚିତ ଲାଳିକା ନିର୍ମାଣର କଳା ଓ କୌଶଳ ନୂତନ ଭାବେ ହାସ୍ୟ ରଚନା କରୁଥିବା କବି ମାନଙ୍କ ନିମନ୍ତେ ଅତ୍ୟନ୍ତ ଶିକ୍ଷଣୀୟ ହୋଇଛି । ଶ୍ରୀମାନ୍ ସର୍ବଗିଳାଙ୍କ ଓଡ଼ିଆବୀର, ମନୋରଞ୍ଜନ ସାହୁଙ୍କ ମିସ୍‌ଡ୍ କଲ୍ ଏଣ୍ଡ୍ କଲ୍‌ବଲ୍, ଡ଼ମ୍ବରୁବାବାଙ୍କ ବଫେ, ଶୈଳ ଚତୁର୍ବେଦୀଙ୍କ ଡ଼େଙ୍ଗଁଚି ମୋ ବାଁ ଆଖି, ଡ· ରମାକାନ୍ତ ମହାପାତ୍ରଙ୍କ ଆମ ଘରଣୀ, ଡଃ କୁଳାଙ୍ଗାରଙ୍କ ଚା କଫି ସୁପ୍, ପଙ୍କଜିନୀ ଦାସଙ୍କ ମୁଁ କବିଙ୍କ ଘରଣୀ କହୁଛି, ଏବଂ ଡଃ କୁଳାଙ୍ଗାରଙ୍କ ଉପସ୍ଥାପନ ବିସମ୍ବାଦ ପାଠକ ମାନଙ୍କୁ ବାନ୍ଧି ରଖିବାରେ ସକ୍ଷମ ହେବେ ।

ବିନା ବିଜ୍ଞାପନ ଓ ପ୍ରୋତ୍ସାହନରେ ପ୍ରକାଶିତ ହେଉଥିବା ଏହି ପତ୍ରିକା ନିମନ୍ତେ ଆମେ ପ୍ରକାଶିକା ଏବଂ ସଂପାଦକ ମଣ୍ଡଳୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରିବା ସହିତ ପତ୍ରିକାର ଉତ୍ତରୋତ୍ତର ଉନ୍ନତି କାମନା କରୁଛୁ ।

ପତ୍ରିକାଟିର ପ୍ରକାଶିକା ଅଛନ୍ତି ପୁଷ୍ପାଞ୍ଜଳୀ ନାୟକ, ମୁଖ୍ୟ ସଂପାଦକ ଶ୍ରୀଯୁକ୍ତ ସତ୍ୟାନାଶ ଓ ସଂପାଦନା ମଣ୍ଡଳୀରେ ଅଛନ୍ତି ଡ· ରମାକାନ୍ତ ମହାପାତ୍ର, ଡଃ କୁଳାଙ୍ଗାର, ବିପିନ ମହାନ୍ତି । ପତ୍ରିକା ପାଇବା ପାଇଁ ଯୋଗାଯୋଗ ଠିକଣା – ମୁଖ୍ୟ ସଂପାଦକ, ବ୍ୟଙ୍ଗବାଣୀ, ଗଜବିହାର, ବରମୁଣ୍ଡା, ଭୁବନେଶ୍ୱର–୩, ମୋବାଇଲ – ୯୪୩୭୧୩୧୨୦୧

# ପାଠକୀୟ ମତାମତ

ଲେଖାଲେଖି କରୁଥିବା ଆମ ସାଙ୍ଗସାଥି, ବନ୍ଧୁ ମାନଙ୍କୁ ପାଠକ ମାନଙ୍କ ତୁଣ୍ଡରୁ ନିଃସୃତ ବାଃ ବାଃ ଶବ୍ଦ ଶୁଣିଲେ ଉତ୍ସାହିତ ହେବା ସହିତ ଅଧିକ ଅଧ୍ୟବସାୟ କରି ଉନ୍ନତ ସାହିତ୍ୟର ସୃଷ୍ଟି କରିବା ପାଇଁ ପ୍ରୋତ୍ସାହନ ନିଶ୍ଚୟ ମିଳିବ । ଏହା ସହିତ ସାଂପ୍ରତିକ ସମୟ ଓ ପରିସ୍ଥିତିକୁ ନେଇ ପାଠକୀୟ ବିତର୍କ ନିମନ୍ତେ ଆମେ ଏହି ପୃଷ୍ଠାକୁ ପ୍ରକାଶିତ କରୁଛୁ । ଆପଣମାନେ ଏହି ପତ୍ରିକାରେ ପ୍ରକାଶିତ ବିଭିନ୍ନ ଗଳ୍ପ, କବିତା ଓ ବିଭିନ୍ନ କୃତୀ ସଂବନ୍ଧୀୟ ନିଜସ୍ୱ ମତାମତ ଆମ ନିକଟକୁ ପଠାଇ ପାରିବେ । ଚଳିତ ମାସରୁ ଆମେ ଆପଣଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ କରୁଛୁ ଏକ ନୂତନ ବିଭାଗ, ଆପଣଙ୍କ ମତାମତ ଏବଂ ଏଥିରେ ଚଳିତ ମାସରେ ଏହାର ବିଷୟ ହେଉଛି –

## ଶ୍ରୀ ଜଗନ୍ନାଥ ମନ୍ଦିରରେ ଅଣ-ହିନ୍ଦୁଙ୍କ ପ୍ରବେଶ କଟକଣା ରହିବା ଉଚିତ କି ?

ଆପଣଙ୍କ ମତାମତ, ଆପଣ ନିମ୍ନରେ ଦିଆଯାଇଥିବା ଠିକଣାରେ ପଠାଇ ପାରିବେ । କିମ୍ବା ଇ-ମେଲ୍ କରି ପାରିବେ, ନଚେତ୍ ଯଦି ଆପଣ ଫେସବୁକରେ ଅଛନ୍ତି ତେବେ ବି ଆମ ଗ୍ରୁପରେ ନିଜ ମତାମତ ଦେଇ ପାରିବେ ।

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ସଂପାଦକ, ଆହ୍ୱାନ

ବୀମା ନଗର, ଆମ୍ବପୁଆ, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା, ଫୋନ – ୯୮୬୧୯୬୨୧୬୦

ଇ-ମେଲ – aahwaan@gmail.com

ଫେସ୍‌ବୁକ୍ – http://www.facebook.com/jyoti.pattnaik